### ଜଗନ୍ନାଥମୟ ହେଲା ଭଦ୍ରକର ପୁରପଲ୍ଲୀ

# ମନମୋହିଲେ ଅନୁରାଧା ପୌଡୱାଲ, ଅନୁପ ଜଲୋଟା, ସୁବାସ ଦାସ


ଭଦ୍ରକ


ଭଦ୍ରକ


ଭଦ୍ରକ


ଭଦ୍ରକ


ତିହିଡ଼ି


ବାସୁଦେବପୁର

**ଭଦ୍ରକ,୧୭ ।୧(ସମିସ)**

ପବିତ୍ର ଜଗନ୍ନାଥ ଧାମ ଶ୍ରୀକ୍ଷେତ୍ର ପୁରୀର ଗୌରବମୟ ଅଧ୍ୟାୟରେ ଯୋଡ଼ି ହୋଇଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଲୋକାର୍ପଣ ଉତ୍ସବ ପାଳନ ଅବସରରେ ଭଦ୍ରକ ଜିଲ୍ଲା ପୁରପଲ୍ଲୀ ଚଳଚଞ୍ଚଳ ହୋଇ ଉଠିଛି। ଜିଲ୍ଲାର ସମସ୍ତ ବ୍ଲକ, ପଞ୍ଚାୟତ ସଦର ମହକୁମାରେ ଏହି ଉତ୍ସବ ପାଳନ ଉପଲକ୍ଷେ ବିଶାଳ ଜନସମାବେଶ ନେଇ ଭଜନ, କୀର୍ତନ, ପ୍ରବଚନ, ନୃତ୍ୟ, ନାଟକ ଆଦି କାର୍ଯ୍ୟକ୍ରମ ଦିବସ ସନ୍ଧ୍ୟା ତମାମ୍ ଲାଗି ରହିଛି। ଓଡ଼ିଶା୍ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ଭଦ୍ରକ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଭଦ୍ରକ ଶହିଦ ଭବନ ମଂଚରେ ଭୁବନେଶ୍ୱରର ବିଦ୍ୟାକନକ ସୃଜନାନୁଷ୍ଠାନ ଦ୍ୱାରା ନାଟକ 'ମାଉସୀ ମା' ପରିବେଷଣ କରାଯାଇଥିଲା। ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ଦ୍ୱାରା ଆୟୋଜିତ ନାଟ୍ୟକାର କବିତିଳକ ଆର୍ତତ୍ରାଣ ଶତପଥୀଙ୍କ ଦ୍ୱାରା ରଚିତ ଓ ଗୋବିନ୍ଦ ଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ନାଟକ ଜଗନ୍ନାଥ ସଂସ୍କୃତି ଆଧାରିତ ବେଶ ମର୍ମସ୍ପର୍ଶୀ ଥିଲା। ଭଦ୍ରକ କଲେଜ ପଡ଼ିଆରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ନାମୀଦାମୀ ବଲିଉଡ୍ ଭଜନ ସାମ୍ରାଜ୍ଞୀ ଅନୁରାଧା ପୋଡୱାଲ ଓଡ଼ିଆ ଓ ହିନ୍ଦୀରେ ଭଜନ ପରିବେଷଣ କରିଥିଲେ। ଶୋଭନା ମିଶ୍ରଙ୍କ ଉଦ୍‌ଘୋଷଣା ସହିତ ବିଷ୍ଣୁମୋହନ କବି ଏବଂ ତାଙ୍କ ଦଳଙ୍କ ସଙ୍ଗୀତ କାର୍ଯ୍ୟକ୍ରମ ବେଶ୍ ଆକର୍ଷଣୀୟ ଥିଲା। ଦେବୀପ୍ରସାଦ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭଦ୍ରକ ବିଧାୟକ ସଞ୍ଜୀବ୍ କୁମାର ମଲ୍ଲିକ୍, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି. ବରୁଣ ଗୁଣ୍ଟୁଚପାଲି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସେହିପରି ଭଦ୍ରକ ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ହରିବୋଲ କ୍ଷେତ୍ର ବେନ୍ତାଳ ପଞ୍ଚାୟତର କେଶପୁର ଠାରେ ଆୟୋଜିତ ହୋଇଥିଲା। ଖ୍ୟାତନାମା ବଲିଉଡ୍ ଭଜନ ସମ୍ରାଟ ଅନୁପଜଲୋଟା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଭଜନ ପରିବେଷଣ କରିଥିଲେ। ତାରକା ଉଦ୍‌ଘୋଷିକା ଗୁନ୍‌ଗୁନ୍‌ଙ୍କ ଆକର୍ଷଣୀୟ ଉଦ୍‌ଘୋଷଣା ସହ କଣ୍ଠଶିଳ୍ପୀ ସତ୍ୟଜିତ୍ ପ୍ରଧାନ ଓ ଦିପ୍ତିରେଖାଙ୍କ ସଂଗୀତ ପରିବେଷଣ ଭରପୁର ଦର୍ଶକଙ୍କୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଭଦ୍ରକ ବିଡିଓ ସୀତାକାନ୍ତ ରାଉତଙ୍କ ତତ୍ତ୍ୱାବଧାନରେ ବିଧାୟକ, ଜିଲ୍ଲାପାଳ, ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ, ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ତିହିଡ଼ି ବ୍ଲକ୍‌ସ୍ତରୀୟ କାର୍ଯ୍ୟକ୍ରମରେ ବରିଷ୍ଠ ଓଡ଼ିଆ କଣ୍ଠଶିଳ୍ପୀ ସୁବାସ ଦାସ ଭଜନ ପରିବେଷଣ କରିଥିଲେ। ଜିଲ୍ଲାର ସମସ୍ତ ବ୍ଲକ୍ ସଦର ମହକୁମାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ କଳାକାରମାନଙ୍କ ଦ୍ୱାରା ଭଜନ, ସଙ୍ଗୀତ ନୃତ୍ୟ ପରିବେଷଣ କରାଯାଇଥିଲା। ଭଦ୍ରକ ମ୍ୟୁନିସିପାଲଟିର ସମସ୍ତ ୱାର୍ଡରେ ଏଲ୍‌ଇଡି ଦ୍ୱାରା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପଣ ଉତ୍ସବର ସିଧାସଳଖ ପ୍ରଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ବ୍ଲକ୍ ଓ ପଞ୍ଚାୟତସ୍ତରୀୟ କାର୍ଯ୍ୟକ୍ରମରେ ମଧ୍ୟ ସିଧାସଳଖ ପ୍ରଦର୍ଶନ ବ୍ୟବସ୍ଥା କରାଯାଇଥିଲା। ଆୟୋଜିତ କେତେକ କାର୍ଯ୍ୟକ୍ରମରେ ଆଧାତ୍ମିକ ପ୍ରବଚନ, ଶୋଭାଯାତ୍ରା ଆଦି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବାସୁଦେବପୁର ବ୍ଲକ୍‌ରେ ଏଡ଼ତାଳ ହାଇସ୍କୁଲରେ, ଚାନ୍ଦବାଲି ବ୍ଲକ୍‌ର କାଳୀ ପଡ଼ିଆ ଚାନ୍ଦବାଲିରେ, ଧାମନଗର ବ୍ଲକ୍‌ର ସାଇମନ୍ଦିର ପଡ଼ିଆରେ, ଭଣ୍ଡାରିପୋଖରୀ ବ୍ଲକ୍‌ର ଶନିମନ୍ଦିର ନିକଟରେ, ବନ୍ତ ବ୍ଲକ୍‌ର ବ୍ଲକ ପରିସରରେ, ତିହିଡ଼ି ବ୍ଲକ୍‌ରେ କାଳୀ ପଡ଼ିଆ ତିହିଡ଼ିରେ କାର୍ଯ୍ୟକ୍ରମ ଦିବସ ସନ୍ଧ୍ୟାତମାମ୍ ଆୟୋଜିତ ହୋଇଥିଲା।

**ତିହିଡ଼ି:** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ହୋଇଯାଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣର ସିଧା ପ୍ରସାରଣ ତିହିଡି ବ୍ଲକ କାଳୀପଡିଆସ୍ଥିତ ଉତ୍ସବରେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ଦେଇଥିଲେ। ବିଡିଓ ଜ୍ୟୋତିର୍ମୟ କରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଉତ୍ସବରେ ବ୍ଲକର ବିଭିନ୍ନ ଗାଁଗଣ୍ଡାର ଜନସାଧାରଣ ଉପସ୍ଥିତ ଥିଲେ। ସୁବାସ ଦାସ ଓ ତାଙ୍କର ସାଥୀ ଭଜନ ପରିବେଷଣ କରିଥିଲେ। ସେହିପରି ସିନ୍ଦୋଳ ପଞ୍ଚାୟତ ପକ୍ଷରୁ ଏମ୍‌ଇ ସ୍କୁଲରେ ଆୟୋଜିତ ଉତ୍ସବରେ ପ୍ରବଚନ, ଭଜନ ଓ ନୃତ୍ୟ ପରିବେଶଣ କରାଯାଇଥିଲା। ସରପଞ୍ଚ ସୁପ୍ରଭା ପାଣି, ସମିତି ସଭ୍ୟ ନକୁଳ ଚରଣ ବାରିକଙ୍କ ସମେତ ୱାର୍ଡ ସଭ୍ୟ ଏବଂ ଶହ ଶହ ପଞ୍ଚାୟତବାସୀ ଉପସ୍ଥିତ ଥିଲେ। ସେହିପରି ମଙ୍ଗଳପୁର ପଂଚାୟତ ପକ୍ଷରୁ ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା, ବ୍ଲକ ଉପାଧ୍ୟକ୍ଷା ଶୁଭଦ୍ରା ଶତପଥୀଙ୍କ ନେତୃତ୍ୱରେ ପଞ୍ଚାୟତବାସୀ ପୁରୀରୁ ଲୋକାର୍ପଣର ଉତ୍ସବର ସିଧା ପ୍ରସାରଣ ଦେଖିବାର ସୁଯୋଗ ପାଇଛନ୍ତି। ଆଜି ସରକାରୀ ଛୁଟି ଥିବାରୁ ଛାତ୍ରଛାତ୍ରୀ ସମେତ ଆବାଳ-ବୃଦ୍ଧ-ବନିତାଙ୍କ ସମାଗମ ଏକ ପ୍ରକାର ଉତ୍ସବମୁଖର ହୋଇଥିଲା।

**ଆଗରପଡ଼ା:** ଭଜନ, କୀର୍ତ୍ତନସାଙ୍ଗକୁ ଜୟ ଜଗନ୍ନାଥ ଧ୍ୱନୀରେ ସମଗ୍ର ଅଞ୍ଚଳ କମ୍ପୁଛି। ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବିଜେଡି ବିଧାନସଭା ନିର୍ବାଚନମଣ୍ଡଳୀ ଯୁବ ସଭାପତି ବିପିନ ନାୟକ, ଜିଲ୍ଲା ଉପସଭାପତି ପ୍ରଶାନ୍ତ ଦାଶ, ବ୍ଲକ ଯୁବ ବିଜେଡି ସଭାପତି ସତ୍ୟସାଧନ ବେଜ, ଛାତ୍ର ସଭାପତି ପ୍ରଣବ ଲେଙ୍କା, ସାଂସଦ ପ୍ରତିନିଧି ଶ୍ରୀନାଥ ମହାନ୍ତି, ଶୁଭଦ୍ରା ସିଂହ, ବିନୋଦିନୀ ମହାନ୍ତି, ପ୍ରକାଶ ବିଶ୍ୱାଳ, ନିହାର ପଣ୍ଡା, ଗୀତିକା ଭୋଇ, ତପୋଇ ସେଠୀ, ସନ୍ଦିପ ସ୍ୱାଇଁ ଓ କିଶାନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଅର୍ଜୁନପୁର, ନଦୀଗାଁ, ଭଟ୍ଟସାହି, ହସନାବାଦ, ପାଳସାହି ଆଦି ପଞ୍ଚାୟତର ବିଭିନ୍ନ ମନ୍ଦିରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

**ଚାନ୍ଦବାଲି :** ଚାନ୍ଦବାଲି ବ୍ଲକ ଚଡ଼ଦିଆ ଠାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସିଧା ପ୍ରସାରଣ କରାଯିବା ସହ ସ୍ଥାନୀୟ କଳାକାରଙ୍କୁ ନେଇ ଭଜନ ସମାରୋହ ଅନୁଷ୍ଠିତ ହୋଇଛି। ରାଜେନ୍ଦ୍ରପଲ୍ଲୀସ୍ଥିତ ଜଗନ୍ନାଥମନ୍ଦିର ପ୍ରାଙ୍ଗଣରେ ଏହି କାର୍ଯ୍ୟକ୍ରମ ପାଳିତ ହୋଇଛି। ଚଡ଼ଦିଆ ସରପଞ୍ଚ ନିରୂପମା ମାଝୀ, ସରପଞ୍ଚ ପ୍ରତିନିଧି ପ୍ରଶାନ୍ତ ମାଝୀ, ବିଜେଡି ପଞ୍ଚାୟତ ସଭାପତି ଦିବାକର ମାଇତି, ନନୀଗୋପାଳ ଖଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଚାନ୍ଦବାଲି ଏନ୍‌ଏସି ପକ୍ଷରୁ ମା'ଦୁର୍ଗା ପଡିଆରେ ଶ୍ରୀମନ୍ଦିର ପରିକ୍ରମ ପ୍ରକଳ୍ପର ସିଧାପ୍ରସାରଣ ସହ ନାମୀଦାମୀ କଳାକାରମାନଙ୍କ ଦ୍ୱାରା ଭଜନ ସମାରୋହ ହୋଇଥିଲା। ଏନ୍‌ଏସି ଅଧ୍ୟକ୍ଷା ଶାନ୍ତିଲତା ସେଠୀ, ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀଙ୍କ ସହ ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। ସେହିପରି ବ୍ଲକ ପ୍ରଶାସନ ପକ୍ଷରୁ ମା'କାଳୀ ମନ୍ଦିର ନିକଟରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସିଧାପ୍ରସାରଣ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବିଡିଓ ଅସିତ ମହାନ୍ତିଙ୍କ ବ୍ଲକ ର ସବୁ କର୍ମଚାରୀମାନେ ଉପସ୍ଥିତ ଥିଲେ। ବିଜୟନଗର ପଞ୍ଚାୟତରେ ଏହି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏଥିରେ ସରପଞ୍ଚ ଦିଲୀପ ରାଉତ, ରତିକାନ୍ତ ନାୟକ ସମେତ ବହୁ କର୍ମୀ ଯୋଗଦେଇ ଥିଲେ।

**ଅସୁରାଳି:** ଶ୍ରୀ ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଅବସରରେ ଧାମନଗର ବ୍ଲକ ଅଧୀନ ଗୋବିନ୍ଦପୁର, ଅସୁରାଳୀ, କଟସାହି, ଖପରପଦା, ଗଡ଼ିଆଲି, କୋଠାର ଆଦି ପଞ୍ଚାୟତ ମୁଖ୍ୟ କାର୍ଯ୍ୟାଳୟରେ ଏଲ୍‌ଇଡିରେ ସିଧାପ୍ରସାରଣ ମାଧ୍ୟମରେ ଗ୍ରାମବାସୀଙ୍କୁ ଲୋକାର୍ପଣ ଉତ୍ସବ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସରପଞ୍ଚ, ସମିତି ସଭ୍ୟ, ୱାର୍ଡସଭ୍ୟ, ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟ ଓ ସ୍ଥାନୀୟ ଗ୍ରାମବାସୀ ଯୋଗଦେଇ ଲୋକାର୍ପଣ ଉତ୍ସବର ସିଧା ପ୍ରସାରଣ ଦେଖିଥିଲେ। ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ପରିବେଶ। ଗୋବିନ୍ଦପୁର ସରପଞ୍ଚ ସୁବାସ ଚନ୍ଦ୍ର ମହାକୁଡ, ସମିତିସଭ୍ୟ ଲକ୍ଷ୍ମୀ ପ୍ରିୟାପତି, ବରିଷ୍ଠ ବିଜେଡି ନେତା ଆକୁଳ ଦାସ, ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀଧର ରାଉତ, ଶିକ୍ଷକ ନିତ୍ୟାନନ୍ଦ ରାଉତ, ଶିକ୍ଷକ ରାମକୃଷ୍ଣ ରାଉତ, ନାରୀନେତ୍ରୀ ଅଞ୍ଜନା ମହାକୁଡ, ସଚାଳକ ସୁକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ମାଳତୀଲତା ପୃଷ୍ଟି, ଲକ୍ଷ୍ମୀପ୍ରିୟା ଦାସ ପ୍ରମୁଖଙ୍କ ସହ ସରପଞ୍ଚ,ସମିତି ସଭ୍ୟା ଜ୍ୟୋତିର୍ମୟୀ ପଣ୍ଡା, ନିର୍ମଳ ନାୟକଙ୍କ ସମତେ ସପନ ସିଂହ, ଦୀପକ ମହାନ୍ତି, ପ୍ରିତିଶ ଶତପଥୀ ପ୍ରମୁଖ ଯୋଗଦେଇଥିଲେ।

**ବାସୁଦେବପୁର:** ବାସୁଦେବପୁର ପୌରପାଳିକା ପକ୍ଷରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଯାଦବ ପଡିଆରେ ଆୟୋଜିତ ଏହି ଉତ୍ସବରେ ପୁରୀରୁ ସିଧା ପ୍ରସାରଣ ଦେଖିବା ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭକ୍ତଙ୍କ ସମାଗମ ହୋଇଥିଲେ। ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ସମେତ ପୌରାଧ୍ୟକ୍ଷା ନିବେଦିତା ବେହେରା, ଉପାଧ୍ୟକ୍ଷ ଉତମ ବାରିକ, ପୌରନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାଶ, ଶୁଭେନ୍ଦୁ ଭୂଷଣ ବେହେରା, କାଉନସିଲର ଚନ୍ଦନ ସେନ, ଜୟନ୍ତି ସାହୁ, କଳ୍ପନା ସେଠୀ, ବରିଷ୍ଠ ବିଜେଡି କର୍ମି ମାନସ ସାହୁ, ଗୌତମ ବେହେରା, ଶଶୀଭୁଷଣ ବାରିକ, କାଳନ୍ଦୀ ସାହୁ, ସୁଶାନ୍ତ ସେଠୀ, ଆଲୋକ ବାରିକଙ୍କ ସମେତ ପୌର କର୍ମଚାରୀମାନେ ଯୋଗଦେଇ ଏହି ଉତ୍ସବକୁ ପାଳନ କରିଥିଲେ। ସେହିପରି ବ୍ଲକପକ୍ଷରୁ ଏହି ଲୋକାର୍ପଣ ଉତ୍ସବ ସ୍ଥାନୀୟ ଏଡ଼ତାଳ ପଞ୍ଚାୟତ ସ୍ଥିତ ହାଇସ୍କୁଲ ପଡିଆରେ ପାଳିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ଶ୍ରୀ ରାଉତରାୟଙ୍କ ସମେତ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ବିଡିଓ ସଞ୍ଜୀବ ସାହୁ,ଜୟଶ୍ରୀ ପଳାଇ,ରାଜା ନାୟକ, ଚିନ୍ତାମଣି ନୟକ, ବରିଷ୍ଠ ବିଜେଡି ଯୁବ ସଙ୍ଗଠକ ଅଶୋକ ନୟକ ପ୍ରମୁଖ ଉପସ୍ଥିତ ରହି ଏହି ଉତ୍ସବକୁ ପାଳନ କରିଥିଲେ।

**ଧୂଷୁରୀ:** ଧୂଷୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉତ୍ସବ ଧୂମ୍‌ଧାମରେ ପାଳିତ ହୋଇଯାଇଛି। ଏଥିରେ ଧାମନଗର ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଧୂଷୁରୀ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ମୋ ଓଡ଼ିଶା, ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ଡାକ୍ତର ସଞ୍ଜୟ ଦାସ, ଧୂଷୁରୀ ସମବାୟ ସମିତି ସଭାପତି


ମଞ୍ଜୁରୀରୋଡ଼



ଧୂଷୁରୀ


ଅସୁରାଳି

**ଧାମନଗର :** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ କରିଥିବାବେଳେ ଏହି ପବିତ୍ର କାର୍ଯ୍ୟକ୍ରମର ସିଧାପ୍ରସାରଣ ଉତ୍ସବ ସମଗ୍ର ଧାମନଗର ବ୍ଲକ ଓ ଏନଏସି ଅଞ୍ଚଳରେ କରାଯାଇଥିବାବେଳେ ହଜାର ହଜାର ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ନିଜ ନିଜ ଅଞ୍ଚଳରେ ରହି ବଡ଼ ବଡ଼ ଟିଭି ପରଦାରେ ସିଧାପ୍ରସାରଣ ଦେଖିବାର ସୌଭାଗ୍ୟ ଲାଭ କରିଛନ୍ତି। ଧାମନଗର ପଞ୍ଚାୟତ ସମିତି ତରଫରୁ ଧାମନଗର ବ୍ଲକ୍ ବଜାରସ୍ଥିତ ସାଇ,ଶିବ ଓ ମଙ୍ଗଳା ମନ୍ଦିର ନିକଟରେ ଏବଂ ଧାମନଗର ମେଡିକାଲ ନିକଟସ୍ଥ ମେଳଣ ପଡିଆରେ ଧାମନଗର ଏନ୍‌ଏସି ତରଫରୁ ଏହି ଭବ୍ୟ ପାବନ କାର୍ଯ୍ୟକ୍ରମକୁ ଲୋକେ ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ ଧାମନଗର ବ୍ଲକ୍ ଅଧ୍ୟକ୍ଷା ସର୍ମିଷ୍ଠା ବେହେରା, ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ବିଡିଓ ବନବିହାରୀ ଦିନ୍ଦା, ତହସିଲଦାର ଦୀପକ ଦାସ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଆମ ଓଡ଼ିଶା ନବୀନ ଓଡ଼ିଶାର ଜିଲ୍ଲା ସଂଯୋଜକ ଡାକ୍ତର ସଞ୍ଜୟ ଦାସ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ସାରଦା ପ୍ରସନ୍ନ ସାହୁ, ସଭ୍ୟା ଉର୍ମିଳା ବିଶ୍ୱାଳ, ବ୍ଲକର ଜିପିଓ ନୃସିଂହ ଚରଣ ଦତ୍ତ,ପୂର୍ଣ୍ଣଚନ୍ଦ୍ର ପୃହାଣ, ସୌମ୍ୟଜିତ ବେହେରା, ପ୍ରଶାନ୍ତ ବାରିକ ପ୍ରମୁଖ ଯୋଗଦେଇ ଥିଲେ। ଏନ୍‌ଏସି କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ନିବେଦିତା ଜେନା, ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ, ଉପାଧ୍ୟକ୍ଷ ଓସୀମ ୟସଦାନୀ କାଦରୀ, ସାଂସଦ ପ୍ରତିନିଧି ଜଗଦୀଶ ପାତ୍ର, ନଗର ସଭାପତି ସୁଶାନ୍ତ ରାଉତ, କାଉନସିଲର ସୁବାସିନୀ କର, ଅନୁଶୟା ମଲ୍ଲିକ, ବାସନ୍ତୀଲତା ସେଠୀ ପ୍ରମୁଖ ଯୋଗଦେଇ ଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ମୁତୟନ କରାଯାଇଛି ବୋଲି ଆଇଆଇସି ଫନିନ୍ଦ୍ର ଭୂଷଣ ନାୟକ ସୂଚନା ଦେଇଛନ୍ତି।

**ମଞ୍ଜୁରୀରୋଡ଼:** ପୁରୀ ଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ ପ୍ରଶାସନ ସହିତ ବିଭିନ୍ନ ପଞ୍ଚାୟତ ଠାରେ ଲୋକାର୍ପଣ ଉତ୍ସବର ସିଧାପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ନିକଟ ଶନି ମନ୍ଦିର ପ୍ରାଙ୍ଗଣରେ ବିଡ଼ିଓ ଦେବଦତ୍ତ ଦାଶଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ବିଧାୟକଙ୍କ ପ୍ରତିନିଧି ଇଂ ପ୍ରୟାସକାନ୍ତି ସାମଲ, ବ୍ଲକ ଅଧ୍ୟକ୍ଷା ସୁମତି ସେଠୀ, ତହସିଲଦାର ସରୋଜକାନ୍ତ ନାୟକ, ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ସାଂସଦଙ୍କ ପ୍ରତିନିଧି ଲଳିତ ରାଉତ, ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ ପ୍ରମୁଖ ଯୋଗଦେଇଥିଲେ। ସରସଦା ଠାରେ ସରପଞ୍ଚ ରମେଶ ଜେନା, କୁରିଗାଁ ଠାରେ ସାଧନାଞ୍ଜଳି ମହାପାତ୍ର, ରହଣିଆ ଠାରେ ବିରେନ୍ଦ୍ର ନାୟକ, ରଣଜିତ ବଳଦେବଜୀଉ ପୀଠ ଠାରେ ସୁଜାତା ସାହୁ, ବାଲିପୋଖରୀ ପରମାନନ୍ଦପୁର ଠାରେ ବିଭୂ ଦାଶ, ପର୍ଶୁରାମ ପଣ୍ଡା, ନପଙ୍ଗ ଠାରେ ନିଶିକାନ୍ତ ଜେନାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିଭଳି ମାଳଦା ପଞ୍ଚାୟତ ପକ୍ଷରୁ ଜଳହରି ଠାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଜିଲ୍ଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ସରପଞ୍ଚ ମିନତୀ ପରିଡା, ସମିତିସଭ୍ୟା ରିତାଞ୍ଜଳି ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ନେରଡ଼ା ପଞ୍ଚାୟତ ଆଖୁଆପଦା ହରପାର୍ବତୀ ମନ୍ଦିର ଠାରେ ପରିକ୍ରମା ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ସରପଞ୍ଚ ଦେବଦାସୀ ଜେନା, ଜିଲ୍ଲା ପରିଷଦ ବଦ୍ରିନାରାୟଣ ରାଉତ, ଯୁବନେତା ସୌମ୍ୟରଂଜନ ଜେନା କାର୍ଯ୍ୟକ୍ରମ କୁ ପରି.ଳନା କରିଥିଲେ। ରାଜେନ୍ଦ୍ରପୁର ପଞ୍ଚାୟତ ସାରୋ ଠାରେ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୁବନେତା ପ୍ରସନ୍ନ ସାହୁ, ବିନୋଦ ବିହାରୀ ରାଉତ, ଚିତ୍ତରଞ୍ଜନ ପତି, ପ୍ରଶାନ୍ତ ବାରିକ, ଦୟାନିଧି ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ତେସିଙ୍ଗା ପଞ୍ଚାୟତ କୁଲଣା ମା ବାଶୁଳାଇ ପଡ଼ିଆ ଠାରେ ସମାଜସେବୀ ରାଜେନ୍ଦ୍ର ଖଣ୍ଡାଇଙ୍କ ସଂଯୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ଧନେଶ୍ୱର ଖୁଣ୍ଟିଆ, ପୂର୍ବତନ ସରପଞ୍ଚ ସଂଗୀତା ଖଣ୍ଡାଇ, ସମିତିସଭ୍ୟ ସୁଚିସ୍ମିତା ସାହୁ, ଦିନେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଷ୍ଣୁପୁର ଠାରେ ସରପଞ୍ଚ ଅମୂଲ୍ୟ ନାୟକ, ରାମଚନ୍ଦ୍ରପୁର ଠାରେ ପିଇଓ ନରେନ୍ଦ୍ର ରାଉତ ଓ ଜୟନ୍ତ ସାହୁ , ଜଳମଣ୍ଡୁଆ ଠାରେ ଜଗତଜୀବନ ବାରିକଙ୍କ ସଂଯୋଜନାରେ ପରିକ୍ରମା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।


ଧାମନଗର


ଧାମନଗର

**ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ**

# ସବୁଠି ଭକ୍ତିମୟ ପରିବେଶ; ଜୟଜଗନ୍ନାଥ ଧ୍ୱନିରେ ହେଲା ପ୍ରକମ୍ପିତ








**ଯାଜପୁର, ୧୭।୧(ସମିସ)**

ଆଜି ପୂର୍ବାହ୍ନ ୯ ଘଟିକାଠାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ଯାଜପୁର ପୌରାଞ୍ଚଳ ଅଧିନ ଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକାର୍ପଣ ଉତ୍ସବରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଲୋକାର୍ପଣ ଉତ୍ସବକୁ ଦେଖିବା ସହ ଘଣ୍ଟ, ଘଣ୍ଟା, ହୁଳହୁଳି, ହରିବୋଲ ଧ୍ୱନିରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଭକ୍ତିପୁତ ସ୍ୱାଗତ ଜଣାଇବା ସହ ରାଜ୍ୟ ସରକାରଙ୍କ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ ଓ ପ୍ରଚାର, ପ୍ରସାର ପାଇଁ ଏହି ଅଭିନବ ଯୋଜନାକୁ ପ୍ରଶଂସା କରିଥିଲେ। ଏ ଅବସରରେ ମୁଖ୍ୟଅତିଥି ଭାବେ ଯାଜପୁର ପୌର ପରିଷଦ ଅଧକ୍ଷା ରଞ୍ଜୁଲତା ହୋତା, ସମ୍ମାନିତ ଅତିଥି ଭାବେ ଉପାଧକ୍ଷ ସନ୍ତୋଷ କୁମାର ମଲ୍ଲିକ, ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀ ଯୋଗଦେଇ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଯାଜପୁରର ଐତିହ୍ୟ ଓ ସଂସ୍କୃତି ସହ ଶ୍ରୀଜଗନ୍ନାଥ ମନ୍ଦିରର ନିବିଡ ସମ୍ପର୍କ ଥିବା ଆଧାତ୍ମିକତାବାଦ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ।

**ଦଶରଥପୁର:** ଦଶରଥପୁର ବ୍ଲକ ଶ୍ୟାମସୁନ୍ଦରଜୀଉ ମଠ ପରିସରରେ ବ୍ଲକସ୍ତରୀୟ ସଂକୀର୍ତ୍ତନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅଧୀନରେ ଅନୁଷ୍ଠିତ ସ୍ୱତନ୍ତ୍ର ଯଜ୍ଞରେ ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ ଓ ତାଙ୍କ ଧର୍ମପତ୍ନୀ ଅଙ୍କିତା ବାରିକ ସଂକଳ୍ପ କରିଥିଲେ। ପୁରୋହିତଙ୍କ ମନ୍ତ୍ର ଧ୍ୱନିରେ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ, ବାଚସ୍ପତିଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି, ବ୍ଲକ ଅଧକ୍ଷ ଦିଗମ୍ବର ମଲ୍ଲିକ, ଉପାଧକ୍ଷା ଝିଲି ମଲ୍ଲିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାହାସ ବିହାରୀ ଜେନା, କନିଷ୍ଠ ଯନ୍ତ୍ରୀ ନିର୍ମଳ ଚନ୍ଦ୍ର କାପ, ନିରୋଦ ସେଠୀ, ଚିତ୍ତରଞ୍ଜନ ଶତପଥୀ, କରୁଣାସିନ୍ଧୁ ପରିଡ଼ା, ସୁବ୍ରତ କୁମାର ବେହେରା, ଅର୍ଦ୍ଧେନ୍ଦୁ କୁମାର ମଲ୍ଲିକ, ଦଶରଥପୁର ସମିତି ସଭ୍ୟ ପ୍ରଶାନ୍ତ ମଲ୍ଲିକ, ସମାଜସେବୀ ଧର୍ମରାଜ ଧିର, କୌଶିକ ଦାସ, ମହେଶ୍ୱର ସାହୁ, ପ୍ରମୋଦ ସାହୁ, ଜିଲ୍ଲା ପରିଷଦ ସଭ୍ୟା ମନସ୍ୱିନୀ ଦାସ ଓ ମାମିନା ମଲ୍ଲିକଙ୍କ ସମେତ ବ୍ଲକର ସମୂହ କର୍ମଚାରୀ ସଂକୀର୍ତ୍ତନ ମହୋତ୍ସବରେ ଯୋଗଦାନ କରି ସମୂହ ପ୍ରସାଦ ସେବନରେ ଭାଗ ନେଇଥିଲେ। ଶେଷରେ ଜୟଶ୍ରୀ ଧଳ ଓ ତାଙ୍କ ସାଥୀ ଜଗନ୍ନାଥ ଭଜନ ପରିବେଷଣ କରିଥିଲେ।

**ମଙ୍ଗଳପୁର:** ଦଶରଥପୁର ବ୍ଲକ ଖାନନଗର ପଞ୍ଚାୟତରେ ଆଜି ଶ୍ରୀମନ୍ଦିର ପରିକ୍ରମା ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଖାନନଗର ପଞ୍ଚାୟତ ପକ୍ଷରୁ ଶ୍ରୀମନ୍ଦିର ପରିକ୍ରମା ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିବାବେଳେ ଜିଲ୍ଲା ବିଜୁ ଯୁବ ଜନତା ଦଳ ଉପସଭାପତି ବିରଜା ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଦଶରଥପୁର ବ୍ଲକ ଅଧକ୍ଷ ଦିଗମ୍ବର ମଲ୍ଲିକ, ମୁଖ୍ୟବକ୍ତା ଭାବେ ୭ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ନିନାରାଣୀ ସାମଲ, ୬ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ଖାନନଗର ସରପଞ୍ଚ ଶୁଭଶ୍ରୀ ମଲ୍ଲିକ, ସମିତିସଭ୍ୟା ଜ୍ୟୋତ୍ସ୍ନାରାଣୀ ଦାସ, ନାଏବ ସରପଞ୍ଚ ସୁରେନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ସାହୁ, ପ୍ରାକ୍ତନ ସରପଞ୍ଚ ରଞ୍ଜିତ କୁମାର ସାହୁ, ଯୁବ ସମାଜସେବୀ ବିଜୟ କୁମାର ରାଉତ, ଦୀନବନ୍ଧୁ ମଲ୍ଲିକ, ଅମୂଲ୍ୟ ମହାପାତ୍ର, ପଞ୍ଚାୟତର ପିଇଓ ଅଭୟ ବଳ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କୁନି କୁନି କଳାକାରଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଅତିଥିଙ୍କ ଦ୍ୱାରା କୃତି କଳାକାରଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅଜୟ ସାହୁ, ପରୀକ୍ଷିତ ଯେନା, ଅଲେଖ ମଲ୍ଲିକ, ଚନ୍ଦ୍ରକାନ୍ତ ଦାସ, ବ୍ରହ୍ମାନନ୍ଦ ଯେନା, ହୃଦାନନ୍ଦ ସାହୁ, ପ୍ରମୋଦ ନାୟକ ପ୍ରମୁଖଙ୍କ ସମେତ ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ଯୋଗ ଦେଇଥିଲେ।

**ବଡ଼ଚଣା:** ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ଏ ପରିପକ୍ଷୀରେ ସମଗ୍ର ଓଡ଼ିଶାରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଗାଁ ଗଣ୍ଡା ସହର ବଜାର ସବୁଠି ଆଜି ଜୟ ଜଗନ୍ନାଥ, ହରିବୋଲ, ହୁଳହୁଳି ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଛି। ଆଜି ସୁଙ୍ଗୁଡ଼ା ପଞ୍ଚାୟତ ପକ୍ଷରୁ ଚଣ୍ଡିଖୋଲସ୍ଥ ବିଜୁ କଲ୍ୟାଣ ମଣ୍ଡପ ପରିସରରେ ଶତାଧିକ ଜଗନ୍ନାଥପ୍ରେମୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ବଡ଼ ପରଦାରେ ଦେଖିଥିଲେ। ମହିଳାମାନେ ବିଭିନ୍ନ ରଙ୍ଗବେରଙ୍ଗର ଝୋଟି ପକାଇବା ସହିତ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିଥିଲେ। ଏଥିସହିତ ଭଜନ କୀର୍ତ୍ତନ କରିବା ସହିତ ମହାପ୍ରସାଦ ସେବନ କରିଥିଲେ। ଏହି କର୍ଯ୍ୟକ୍ରମକୁ ଜଗନ୍ନାଥପ୍ରେମୀ ସଞ୍ଜୟ କୁମାର ସ୍ୱାଇଁ, ପ୍ରିୟବ୍ରତ ଖିଲାର, ସୁନୀଲ ଜେନା, ଅନନ୍ତ ଦାସ, ପ୍ରକାଶ ରାଉତ, ବୈକୁଣ୍ଠ ସାହୁ, ରଞ୍ଜନ ବାରିକ, ବାସନ୍ତ ବାରିକ, ଚାଚାଲିନ ସ୍ୱାଇଁ, କେତକୀ ଖିଲାର, ଅନୁସୟା ରାଉତ, ସଂଘମିତ୍ରା ସାହୁ, କଳ୍ପନା ବାରିକ ପ୍ରମୁଖ ପରିଚାଳନା କରିଥିଲେ।

**ବ୍ୟାସନଗର:** କୋଟି ବ୍ରହ୍ମାଣ୍ଡର ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଭବ୍ୟ ଲୋକାର୍ପଣ ଉତ୍ସବ ନେଇ ଗାଁଠୁ ସହର ସବୁଆଡେ ଲୋକେ ଚଳଚଞ୍ଚଳ ହୋଇଉଠିଛନ୍ତି। ମହାପ୍ରଭୁଙ୍କ ଆଶୀର୍ବାଦରୁ ପୌଷ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ବୁଧବାର ଅପରାହ୍ନ ପ୍ରାୟ ୧.୧୫ ମିନିଟରେ ଜଗନ୍ନାଥ ଧାମ ପୁରୀରେ ପରିକ୍ରମା ପ୍ରକଳ୍ପ ଲୋକର୍ପିତ ହୋଇଛି। ଏ ନେଇ ପୂର୍ବରୁ ଭାବରେ ବନ୍ଧା କୋଟି କୋଟି ଓଡିଆ ଗୁଆ ଓ ଅକ୍ଷତ ଦେଇ କାର୍ଯ୍ୟକ୍ରମର ଶୁଭ ମନାସିଥିଲେ। ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ନିମନ୍ତେ ସ୍ଥାନୀୟ ବ୍ୟାସନଗରରେ ରହିଥିବା ବ୍ୟାସ ଜଗନ୍ନାଥ ମନ୍ଦିର ପରିସରରେ ବ୍ୟାସନଗର ପୌର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ଆୟୋଜନ କରାଯାଇଥିଲା। ଏପରିକି ଲୋକାର୍ପଣ ଉତ୍ସବର ସିଧାପ୍ରସାରଣ ନିମନ୍ତେ ପ୍ରଶାସନ ପକ୍ଷରୁ ସକାଳ ୧୦ ଘଟିକାରୁ ଏଲଇଡି ମାଧ୍ୟମରେ ଲାଇଭ୍ ଦୃଶ୍ୟ ଦେଖାଇଥିଲେ। ଏତଦ୍ ବ୍ୟତୀତ ମନ୍ଦିର ପରିସରରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଶରତ ନାୟକ ଓ ରବୀନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଜଗନ୍ନାଥ ଭଜନ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଶତାଧିକ ମହିଳା ଓ ପୁରୁଷ ଯୋଗ ଦେଇଥିବାବେଳେ ଉତ୍ସବ ସ୍ଥଳ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୌର ପରିଷଦ ପକ୍ଷରୁ ପୌରାଧକ୍ଷା ସଙ୍ଗୀତା ପିଙ୍ଗଆ, ଉପାଧକ୍ଷ ସୁବାସ ବଳ, ନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ର ଓ ସମସ୍ତ ୱାର୍ଡ କାଉନସିଲର ଯୋଗ ଦେଇ ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

**କାଳିଆପାଣି:** ଆଜି କାଳିଆପାଣି ଖଣି ଅଞ୍ଚଳ ଟାଟା କମ୍ପାନୀ ପରିସରରେ ଥିବା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଣି ଅଞ୍ଚଳର ସମସ୍ତ ପଞ୍ଚାୟତର ଶହ ଶହ ଜଗନ୍ନାଥପ୍ରେମୀ ମନ୍ଦିର ପ୍ରାଙ୍ଗଣରେ ଭଜନ କୀର୍ତ୍ତନ, ଶଙ୍ଖ ହୁଳହୁଳି ଓ ମନ୍ଦିର ପରିକ୍ରମା କରି ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସକାଳ ୧୧ ଘଟିକା ସମୟରୁ ମନ୍ଦିରରେ ଭଜନ କୀର୍ତ୍ତନ ଆରମ୍ଭ ହୋଇଥିଲା। ସୁକିନ୍ଦା ବ୍ଲକ ଅଧକ୍ଷ କାର୍ଯ୍ୟକ୍ରମ ପରିଚାଳନା କରିବାକୁ ଉପସ୍ଥିତ ଥିଲେ। ଖଣି ଅଞ୍ଚଳର ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଏମବିକେ ଓ ଏସଏଚ୍‌ଜି ଗ୍ରୁପର ସଭ୍ୟାଙ୍କ ସମେତ ବହୁ ସଂଖ୍ୟକ ମହିଳା ଓ ପୁରୁଷ ମାନେ ସାମିଲ ହୋଇଥିଲେ। ଶ୍ରମିକ ସଂଗଠନର ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀରଙ୍କ ସ୍ୱତନ୍ତ୍ର ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅୟୋଜିତ ହୋଇଥିଲା। ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବିଶାଳ ପରଦା ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଲୋକାର୍ପଣ ଉତ୍ସବକୁ ଶ୍ରଦ୍ଧାଳୁ ସିଧାସଳଖ ଅବଲୋକନ କରିଥିଲେ। ଶ୍ରମିକ ସଂଗଠନର ଯୁଗ୍ମ ସମ୍ପାଦକ ଭରତ ଚନ୍ଦ୍ର ମହାନ୍ତ, ପ୍ରଭାତ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବିଦ୍ୟାଧର ପାତ୍ର ଓ ବର୍ତ୍ତମାନ ୩୭ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ଜେମା ଚାଖି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ପରିବେଶ ସୁରକ୍ଷା ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

**କୁଆଖିଆ, ୧୭।୧(ସମିସ):** ସମଗ୍ର ଯାଜପୁର ଜିଲ୍ଲାରେ ଶିଳ୍ପ, କାରଖାନା ଓ ରାସ୍ତା ଘାଟ ବିକାଶର ଧାରା ଆଗେଇ ଚାଲିଥିବାବେଳେ ବାୟୁ ପ୍ରଦୂଷଣ ଭଳି ଅନେକ ପରିବେଶ ପ୍ରଦୂଷଣ ବୃଦ୍ଧି ପାଇବା ସହିତ ଦୁର୍ଘଟଣାର ଆଧାର ପାଲଟି ଯାଇଥିବା ଦେଖାଯାଇଛି। ତନ୍ମଧ୍ୟରୁ ରସୁଲପୁର ବ୍ଲକ ଅଞ୍ଚଳର ପରିବେଶ ସନ୍ତୁଳନ ଦିନକୁ ଦିନ ନଷ୍ଟ ହେଉଥିବା ଦେଖିବାକୁ ମିଳୁଛି। ଏହାକୁ ରୋକିବା ପାଇଁ ପରିବେଶ ସୁରକ୍ଷା ସଂଗ୍ରାମ ସମିତି ଆବାହକ ତଥା ପରିବେଶପ୍ରେମୀ କୈଳାସ ଚନ୍ଦ୍ର ମଲିକ କେତେ ଦାବି ନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡ଼ିଛି। ଉକ୍ତ ଦାବି ମଧ୍ୟରେ ବ୍ରାହ୍ମଣୀ, ଖରସ୍ରୋତା ନଦୀ ଘାଟରୁ ଟ୍ରକ୍, ଟିପର, ହାଇୱା ଓ ଟ୍ରାକ୍ଟର ଯୋଗେ ହେଉଥିବା ବେଆଇନ୍ ବାଲି ଉଠାଣ ରୋକିବା ସହିତ ନଦୀପଠା ଓ ତାର ସବୁଜିମାକୁ ସୁରକ୍ଷା ଦେବା, ବିଦ୍ୟାଳୟ, ମହାବିଦ୍ୟାଳୟରୁ ପୁରାତନ ଗଛ କଟା ବନ୍ଦ କରିବା, ସ୍ୱଚ୍ଛତା ପାଇଁ ସରକାରୀ ଅର୍ଥରେ ପଞ୍ଚାୟତରେ ନିର୍ମାଣ ହୋଇଥିବା ବର୍ଯ୍ୟବସ୍ତୁ ପରିଚାଳନା କୁଣ୍ଡ କାର୍ଯ୍ୟକାରୀ କରିବା, କୁଆଖିଆ ବଜାର ନିକଟବର୍ତ୍ତୀ ଓ ତା'ର ପାଶ୍ୱବର୍ତ୍ତୀ ଅଞ୍ଚଳରେ ବର୍ଷ ବର୍ଷ ଧରି ପଡ଼ି ରହୁଥିବା ଅଳିଆ ଆବର୍ଜନାରୁ ସୃଷ୍ଟ ପ୍ରଦୂଷଣ ରୋକିବା, ଛିଣ୍ଡା ଖରସ୍ରୋତା, ଦୁଧେଇ କେନାଲ ଓ ଦପା ନାଳର ପୁନରୁଦ୍ଧାର କରି ଚାଷଜମି ଓ ମତ୍ସ୍ୟଜୀବୀଙ୍କ ଜୀବିକା ପୁନର୍ଜିବିତ କରିବା ଅନ୍ତର୍ଭୁକ୍ତ। ଉକ୍ତ ଦାବିପତ୍ରକୁ ଜିଲ୍ଲାପାଳ ଗ୍ରହଣ କରି ରସୁଲପୁର ତହସିଲଦାରଙ୍କୁ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ବରୁଣେଶ୍ୱର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା



**ବିଞ୍ଝାରପୁର, ୧୭।୧(ସମିସ):** ମକର ସଂକ୍ରାନ୍ତିଠାରୁ ବାବା ବରୁଣେଶ୍ୱରଙ୍କ ପୀଠରେ ଚାଲିଛି ବରୁଣେଶ୍ୱର ମହୋତ୍ସବ। ମେଳା ଦେଖିବା ପାଇଁ ପ୍ରବଳ ଭିଡ଼ ହେଉଛି। ଦିନ ବେଳା ବିଭିନ୍ନ ଘରକରଣା ସାମଗ୍ରୀ କିଣିବା ପାଇଁ ସ୍ଥାନୀୟ ଓ ଆଖାପାଖ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଦେଖିବାକୁ ମିଳିଛି। ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଏହା ଏକ ଗଣପର୍ବ ହୋଇଥିବାବେଳେ ଏଠାକୁ ଆସି ମେଳା ବୁଲିବା ସହିତ ବିଭିନ୍ନ ପ୍ରକାର ଘରକରଣା ସାମଗ୍ରୀ କିଣିବାଠାରୁ ଆରମ୍ଭ କରି ସୁଆଦିଆ ଖାଦ୍ୟ ଖାଇବାକୁ ଭିଡ଼ ଜମୁଛି। ସନ୍ଧ୍ୟା ହେବା କ୍ଷଣି ଆଖପାଖ ଅଞ୍ଚଳରୁ ହଜାର ହଜାର ଦର୍ଶକ ମେଳା ଓ ମହୋତ୍ସବ ଦେଖିବା ପାଇଁ ଭିଡ ଜମାଉଛନ୍ତି। ଆଜି ମହୋତ୍ସବର ଦ୍ୱତୀୟ ସନ୍ଧ୍ୟାରେ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆଙ୍କ ସଙ୍ଗୀତ ଦର୍ଶକଙ୍କୁ ବିମୋହିତ କରିଥିଲା।

## ବାଇକ୍‌ରୁ ପଡ଼ି ଯୁବକ ଗୁରୁତର

**ପାଣିକୋଇଲି, ୧୭।୧(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି-ଆଙ୍କୁଲା ରାସ୍ତାର ନମିଟିକିରୀ ଗ୍ରାମ ମଙ୍ଗଳା ମନ୍ଦିର ନିକଟରେ ବାଇକ୍‌ରୁ ପଡ଼ି ଜଣେ ଯୁବକ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ ହୋଇଛନ୍ତି। ଗୋଳେଇପୁର ପଞ୍ଚାୟତ ଅନ୍ତର୍ଗତ ସୋତି ଗ୍ରାମର ରବୀନ୍ଦ୍ର ସେଠୀଙ୍କ ପୁଅ ସବ୍ୟସାଚୀ ବାଇକ୍‌ରେ ପାଣିକୋଇଲି ଆଡ଼କୁ ଆସୁଥିବାବେଳେ ବାଇକ୍ ଆଗକୁ ଏକ କୁକୁର ପଶିଯିବାରୁ ଭାରସାମ୍ୟ ହରାଇ ପଡ଼ିଯାଇଥିଲେ। ତାଙ୍କ ଗୋଡ଼ ଭାଙ୍ଗିଯିବା ସହିତ ମୁଣ୍ଡରେ ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ଖବର ଦେବା ପରେ ସେମାନେ ପହଞ୍ଚି ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଛି।

## ନାମଯଜ୍ଞ ଓ ବେଦମନ୍ତ୍ର ଧ୍ୱନିରେ ସଦର ଅଞ୍ଚଳ ପ୍ରକମ୍ପିତ

**ଯାଜପୁର, ୧୭।୧(ସମିସ):** ଯାଜପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁରର ମା' ବାସୁଳେଇ, ବରୁଆଁର ମା' ମଙ୍ଗଳା, କୁସୁନପୁରର ମା' ତାରାଦେବୀ, କଟେରୀ ଗାଁର ମଙ୍ଗଳା ଆଦି ଦେବୀ ପୀଠରେ ମକର ସଂକ୍ରାନ୍ତିଠାରୁ ତିନିଦିନ ବ୍ୟାପି ନାମଯଜ୍ଞ, ଦେବୀଙ୍କ ବିଭିନ୍ନ ବେଶ, ତାରାଦେବୀ ପୀଠରେ ଭଉଣୀ ମିଳନ, କୀର୍ତ୍ତନ ଓ ଭଜନ ସାଙ୍ଗକୁ ପ୍ରତ୍ୟେକ ଦେବୀ ପୀଠରେ ଯାଜ୍ଞିକବ୍ରାହ୍ମଣଙ୍କ ଦ୍ୱାରା ବେଦ ମନ୍ତ୍ରଧ୍ୱନିରେ ସମଗ୍ର ଅଞ୍ଚଳ ଉତ୍ସବ ମୁଖରିତ ହେଉଥିବା ଦେଖିବାକୁ ମିଳିଛି। ତାରାଦେବୀ ପୀଠରେ ସର୍ବ ମଙ୍ଗଳା ଯୁବ ନାଟ୍ୟ ସଂସଦ ଦ୍ୱାରା ବିଭିନ୍ନ ନାଟକ ଓ ଅପେରା ପରିବେଷଣ କରାଯାଉଛି। ସେହିପରି ମହେଶ୍ୱରପୁର ମା' ବାସୁଳେଇ ପୀଠରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।



## ଭିନ୍ନକ୍ଷମ ଚିହ୍ନଟ ତାଲିମ ଶିବିର ଉଦ୍‌ଘାଟିତ



**ବିଞ୍ଝାରପୁର, ୧୭।୧(ସମିସ):** ବିଞ୍ଝାରପୁର ବ୍ଲକର ମାଁସଡା ପଞ୍ଚାୟତସ୍ଥ ବିଜୁ ପଟ୍ଟନାୟକ ତାଲିମ ପ୍ରତିଷ୍ଠାନ ପରିସରରେ ଭିନ୍ନକ୍ଷମ ପିଲାଙ୍କ ମଧ୍ୟରେ ଅଧ୍ୟୟନ କ୍ଷେତ୍ରରେ ସ୍ୱତନ୍ତ୍ର ଆବଶ୍ୟକତା ଚିହ୍ନଟ ପ୍ରକ୍ରିୟା ସମ୍ବଳିତ ଏକ ତିନିଦିନିଆ ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ଏ ଉପଲକ୍ଷେ ଅନୁଷ୍ଠିତ ଉଦଘାଟନୀ ସଭାରେ ସଂଗଠନର ସଭାପତି ପ୍ରଶାନ୍ତ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ସଂଗଠନର ସମ୍ପାଦିକା ସ୍ନେହଲତା ଆଚାର୍ଯ୍ୟ ପ୍ରଥମ ଦିନର ତାଲିମ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଦିବାକର ପଣ୍ଡା, ତାଲିମଦାତା ବୁଦ୍ଧଦେବ ସ୍ୱାଇଁ ପ୍ରମୁଖ ଏହି ସଭାରେ ଉପସ୍ଥିତ ଥିଲେ। ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଏହି ତାଲିମ କାର୍ଯ୍ୟକ୍ରମରେ ପଚାଶ ଜଣ ଶିବିରାର୍ଥୀ ତାଲିମ ଗ୍ରହଣ କରୁଥିବା ଜଣାଯାଇଛି।

## ଲଚ୍ଛମନ ବାଲାଜୀଉ ଡିଗ୍ରୀ କଲେଜରେ 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ

**ବିଞ୍ଝାରପୁର, ୧୭।୧(ସମିସ)**

ବିଞ୍ଝାରପୁର ଥାନା ତଥା ବରୀ ବ୍ଲକ ଅଧୀନ ଅଙ୍ଗାଳୋ ପଞ୍ଚାୟତରେ ଅବସ୍ଥିତ ଲଚ୍ଛମନ ବାଲାଜୀଉ ସ୍ନାତକ ମହାବିଦ୍ୟାଳୟ ପରିସରରେ କ୍ରୀଡ଼ା ଓ ଯୁବସେବା ବିଭାଗର ବିଶ୍ୱ ଓଡିଆ ଭାଷା ସମ୍ମିଳନୀର ଆୟୋଜନ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପରିପ୍ରେକ୍ଷୀରେ ନୂଆ-ଓ ଯୋଜନାରେ ଓଡିଆ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ଅଧକ୍ଷ ପ୍ରଫେସର ଜୟଦେବ ଥାଟୋଇ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଲଚ୍ଛମନ ବାଲାଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ପ୍ରଫେସର ଆଶିଷ ରାୟ ଓ ମୁଖ୍ୟବକ୍ତା ଭାବେ ଲଚ୍ଛମନ ବାଲାଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡିଆ ଭାଷା ସାହିତ୍ୟ ବିଭାଗୀୟ ମୁଖ୍ୟ ପ୍ରଫେସର ଆଲୋକ କୁମାର ସାମଲ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ସୁନୀଲ କୁମାର ରାୟ, ଅଧ୍ୟାପକ ଭରତଚନ୍ଦ୍ର ବେହେରା, ଅଧ୍ୟାପକ ମଦନ ମୋହନ ପରିଡ଼ା ଓ ନୂଆ-ଓ ଓଡିଆ ସାହିତ୍ୟ ପ୍ରତିଯୋଗିତାର ନୋଡାଲ ଅଫିସର ଦିଲ୍ଲୀପ କୁମାର ରାଉତ ଯୋଗଦାନ କରିଥିଲେ। ଅଧ୍ୟାପକ ଦିଲ୍ଲୀପ କୁମାର ରାଉତ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡିଆ ପ୍ରବନ୍ଧ, ବକ୍ତୃତା ଓ ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।




## ମା' ତାରିଣୀ ଡିଗ୍ରୀ ମହାବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା

**ପାଣିକୋଇଲି, ୧୭।୧(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ପାଣିକୋଇଲି ମା' ତାରିଣୀ ଡିଗ୍ରୀ ମହାବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ ନୂଆ-ଓ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତି ସଭାପତିତ୍ୱ କରିବା ସହ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଯୁକ୍ତ ଦୁଇ ଅଧକ୍ଷ ପାର୍ଥସାରଥି ବିଶ୍ୱାଳ ଯୋଗଦେଇ ନୂଆ-ଓ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେଫମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡକ୍ଟର ପ୍ରତାପ ଚନ୍ଦ୍ର ତ୍ରିପାଠୀ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଅଧ୍ୟାପକ ସମରେନ୍ଦ୍ର ଦାଶ, ପାର୍ବତୀ ନାଥ, ମଦନ ମୋହନ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡିଆ ଜଗନ୍ନାଥ ଭଜନ ପ୍ରତିଯୋଗିତା କରାଯାଇଥିଲା।




ବିଚାରକ ଭାବେ ଅଧ୍ୟାପକ ସତ୍ୟବ୍ରତ ଦାସ, ସସ୍ମିତା ଦାସ, ଶକ୍ତିମୟୀ ଜେନା, ଶୁଭକାନ୍ତ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# କାଳିଆପାଣି ଓ ଜାରକାରେ ହାତୀ ଆତଙ୍କ

## ବନ ବିଭାଗ ନାକେଦମ୍, ବିଦ୍ୟୁତ୍ ସରବରାହ ବନ୍ଦ

**ଧର୍ମଶାଳା, ୧୭ ।୧(ସମିସ)**

ମଧୁପୁରଗଡ଼ ବନଖଣ୍ଡ ଅଧୀନ ଜାରକା, ଗଙ୍ଗାଧରପୁର ଓ କୁମାରୀ ପଞ୍ଚାୟତ ଅଞ୍ଚଳରେ ଆଜି ଭୋରୁ ହାତୀ ଆତଙ୍କ ସ୍ଥାନୀୟ ବାସିନ୍ଦାଙ୍କୁ ଭୟଭୀତ କରାଇ ଦେଇଛି । ହାତୀଙ୍କୁ ଦେଖି ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି । ମଙ୍ଗଳବାର ବିଳମ୍ବିତ ରାତିରେ ଗୋଟିଏ ହାତୀ ବରୁଣେଇ ପାହାଡ଼ ଦେଇ ପାଖର, ଗଙ୍ଗାଧରପୁର ପଞ୍ଚାୟତ ଦେଇ ଜାରକା ଅଞ୍ଚଳକୁ ଚାଲି ଆସିଥିଲା । ଚାଷ ଜମି ଓ ଧାନ ଖଳାରେ ଥିବା ଧାନକୁ ଖାଇ ନଷ୍ଟ କରିଥିବା ସ୍ଥାନୀୟ ଲୋକ କହିଛନ୍ତି । ବନ ବିଭାଗ ଘଉଡ଼ାଇବାକୁ ନାକେଦମ୍ ହୋଇଥିବାବେଳେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି ।

ଗତକାଲି ବିଳମ୍ବିତ ରାତିରେ କଣିପାଟିଆ ଗାଁ ରାସ୍ତାରେ ଚାଲି ଚାଲି ଯାଉଥିବା କେତେକ ବ୍ୟକ୍ତି ଦେଖିବା ପରେ ଏହାର ଭିଡିଓ ଉତ୍ତୋଳନ କରିଥିଲେ । ଏ ସମ୍ପର୍କରେ ବନ ବିଭାଗକୁ ଖବର ଦେବା ପରେ ଡାଲି ଯୋଡ଼ା ରେଞ୍ଜର ହିମାଂଶୁ ଶେଖର ପୃଷ୍ଟି, ଗଡ଼ମଧୁପୁର ଫରେଷ୍ଟର ସକିର ହୁସେନ ଓ ଫରେଷ୍ଟ ଗାର୍ଡ ଘଟଣାସ୍ଥଳରେ ପହଞ୍ଚିଥିଲେ । ସେତେବେଳକୁ ଜାରକା କାଜୁ ଜଙ୍ଗଲରେ ହାତୀଟି ରହିଥିଲା । ହାତୀ ଆତଙ୍କରୁ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ଫରେଷ୍ଟ ଗାର୍ଡ ଚତୁପାର୍ଶ୍ୱ ଘେରଉ କରି ରଖିଥିଲେ । ଭୋରୁ ରାତି ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା । ପୁଲିସ ଓ ବନ ବିଭାଗ ପକ୍ଷରୁ ଡ଼ାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ସଚେତନ କରାଯିବା ସହିତ ବିଭିନ୍ନ ସ୍ଥାନରେ ରହି ହାତୀଙ୍କ ଗତିବିଧି ଉପରେ ନଜର ରଖିଥିଲେ । ସନ୍ଧ୍ୟାରେ ବନବିଭାଗ ପକ୍ଷରୁ ହାତୀକୁ ଘଉଡାଇବା ପାଇଁ ଉଦ୍ୟମ ହୋଇଥିଲେ ମଧ ହାତୀଟି ପୁନଶ୍ଚ କଣିପାଟିଆ ନିକଟରୁ ଫେରି କୁଆଡେ ଗାଏବ ହୋଇଯାଇଥିଲା । ରାତିରେ ବିଦ୍ୟୁତ୍ ନ ଥିବାରୁ ହାତୀକୁ ଠାବ କରିବା ସମ୍ଭବ ହୋଇପାରିନାହିଁ । ଅପରପକ୍ଷେ ହାତୀ ଜାରକା ଅଞ୍ଚଳରେ ରାତିରେ ରହିଥିବାରୁ ଲୋକଙ୍କ ମଧରେ ଭୟ ସୃଷ୍ଟି ହୋଇଛି । ହାତୀ ଜାରକା ଅଞ୍ଚଳ ଛାଡ଼ି ନ ଥିବାରୁ ରାତି ୧୦ଟା ସୁଦ୍ଧା ବିଦ୍ୟୁତ୍ ସରବରାହ ବନ୍ଦ ରହିଛି ।

କାଳିଆପାଣି: ଆଜି କାଳିଆପାଣି ଖଣି ଅଞ୍ଚଳର ରାଙ୍ଗୋଳ ଗ୍ରାମରେ ଏକ ୧୧ଟିକିଆ ହାତୀ ପଲ ପଶିଆସିଥିଲେ । ଏହି ପଲ ଭିତରେ ଗୋଟିଏ ଦନ୍ତାହାତୀ ରହିଥିବାବେଳେ ଅନ୍ୟଗୁଡିକ ଛୋଟ ହାତୀ ରହିଥିଲେ । ଆଜି ଭୋର ସକାଳ ୬ଟା ସମୟରେ ରାଙ୍ଗୋଳ ଗ୍ରାମର ରାଜୁ ମୁଣ୍ଡା ଶୌଚ ହେବାକୁ ଗ୍ରାମ ପଛ ପଟକୁ ଯାଇଥିବାବେଳେ ହାତୀଙ୍କୁ ଦେଖି ଦୌଡ଼ି ପଳାଉଥିବାବେଳେ ଗୋଟିଏ ହାତୀ ତାଙ୍କୁ ଟେକି ଫିଙ୍ଗି ଦେଇଥିଲା । ତାଙ୍କ ବାମ ହାତରେ ଗୁରୁତର ଆଘାତ ଲାଗିଥିଲା । ତେବେ ହାତୀପଲ ଏହାପରେ ଏକ ନମ୍ବର ଜଙ୍ଗଲ ଆଡକୁ ପଳାଇଥିଲେ । ଆହତ ରାଜୁ ମୁଣ୍ଡାକୁ ଗୁରୁତର ଅବସ୍ଥାରେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଥିଲା ।

## ଲୁନା ସହ ସମାଗ୍ରୀ ଫେରି ପାଇଲେ ବ୍ୟବସାୟୀ



**ପାଣିକୋଇଲି, ୧୭ ।୧(ସମିସ):** ପୁଲିସ ସହାୟତାରେ ନିଜର ହଜାଇଥିବା ଲୁନା ଓ ଲୁଗା ସାମଗ୍ରୀ ଫେରିପାଇଛନ୍ତି ବ୍ୟବସାୟୀ । କୁଆଖିଆ ଥାନା ଅନ୍ତର୍ଗତ ଭୋଟକା ଗ୍ରାମର କୃପାସିନ୍ଧୁ ବେହେରା ଗାଁରେ ବୁଲି ଏକ ଲୁନା ଯୋଗେ ଲୁଗା ବ୍ୟବସାୟ କରନ୍ତି । କୃପାସିନ୍ଧୁ ପାଣିକୋଇଲି ଅଞ୍ଚଳରୁ ବ୍ୟବସାୟ ସାରି ଘରକୁ ଫେରୁଥିବାବେଳେ ପାଣିକୋଇଲି ସର୍ଭିସ ରୋଡରେ ହଠାତ ତାଙ୍କ ମୁଣ୍ଡ ବୁଲାଇବାରୁ ସେ ତଳେ ପଡ଼ି ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ । ଡାକ୍ତରଖାନାରୁ ଫେରିବା ପରେ ତାଙ୍କ ଲୁନା ଓ ଲୁଗା ସାମଗ୍ରୀ କେଉଁଠି ଅଛି ବା ଦୁର୍ଘଟଣାସ୍ଥଳ ମଧ କେଉଁଠି କହିପାରି ନ ଥିଲେ । ସେ ପାଣିକୋଇଲି ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ । ରାଜପଥ ପାଟ୍ରୋଲିଙ୍ଗ ଅଧିକାରୀ ଅଶୋକ କୁମାର ବଳ ଲୁନା ଓ ସାମଗ୍ରୀ ଠାବ କରି କୃପାସିନ୍ଧୁଙ୍କୁ ହସ୍ତାନ୍ତର କରିଛନ୍ତି ।

## ବିଦ୍ୟୁତ୍ ସଂସ୍ପର୍ଶରେ କଟିଲା ମାଙ୍କଡ଼ର ହାତ

**ଶଙ୍ଖଚିଲା, ୧୭ ।୧ (ସମିସ):** ବିଦ୍ୟୁତ୍ ସଂସ୍ପର୍ଶରେ ମାଙ୍କଡ଼ର ଗୋଟିଏ ହାତ ସମ୍ପୂର୍ଣ୍ଣ କଟିଯାଇଛି । ଏଭଳି ଘଟଣା ଦେଖିବାକୁ ମିଳିଛି କୋରେଇ ବ୍ଲକ ଜହ୍ନା ପଞ୍ଚାୟତର ଛୋଟରାୟପୁରଠାରେ ଲାଗିଥିବା ଟ୍ରାନ୍ସଫର୍ମର ନିକଟରେ । ଆଜି ସକାଳ ୯ ଘଟିକା ସମୟରେ କିଛି ମାଙ୍କଡ ଟ୍ରାନ୍ସଫର୍ମର ନିକଟରେ ଥିବା ଗଛ ଉପରେ ବସିଥିଲେ । ହଠାତ ଏକ ମାଙ୍କଡ ଡେଇଁବା ଅବସ୍ଥାରେ ଖସି ପଡ଼ିବାରୁ ନିକଟରେ ଥିବା ଟ୍ରାନ୍ସଫର୍ମର ଉପରେ ପଡ଼ିଯିବାରୁ ବିଦ୍ୟୁତ ସଂସ୍ପର୍ଶରେ ଆସିବା ଫଳରେ ଡାହାଣ ହାତଟି ସମ୍ପୂର୍ଣ୍ଣ କଟି ଯାଇ ତଳେ ପଡ଼ିଯାଇଥିଲା । ବାମ ହାତରେ ମଧ ଗୁରୁତର ଆଘାତ ଲାଗିଥିବା ଦେଖିବାକୁ ମିଳିଛି । ସ୍ଥାନୀୟ ଯୁବକ ବନ ବିଭାଗ ଓ ଶଙ୍ଖଚିଲା ପ୍ରାଣୀ ଚିକିତ୍ସକଙ୍କୁ ଖବର ଦେଇଥିଲେ । ଶଙ୍ଖଚିଲା ପ୍ରାଣୀ ଚିକିତ୍ସକ ଛୁଟିରେ ଥିବା କହି ନିଜ କାମ ସାରିଦେଇଥିବାବେଳେ ବନ ବିଭାଗର ଏକ ଟିମ ବିଳମ୍ବରେ ସେଠାରେ ପହଞ୍ଚିଲେ ମଧ ଆହତ ମାଙ୍କଡଟି ଗଛ ଉପରେ ପୁନର୍ବାର ଚଢିଯିବାରୁ ଉଦ୍ଧାର କରିବାରେ ସକ୍ଷମ ହୋଇପାରି ନ ଥିଲେ ।

## ବେଆଇନ ଚାଲାଣବେଳେ ଶତାଧିକ ଷଣ୍ଢ ଉଦ୍ଧାର

**ପାଣିକୋଇଲି, ୧୭।୧(ସମିସ):** ଗୋଳେଇପୁର ପଞ୍ଚାୟତ ଅନ୍ତର୍ଗତ ରାମପୁର ଶଗଡ଼ି ଗ୍ରାମରେ ସ୍ଥାନୀୟ କେତେକ ଗୋ-ମାଫିଆଙ୍କ ସହାୟତାରେ ନିୟମିତ ଷଣ୍ଢ ଚାଲାଣ ଚାଲୁଥିବାବେଳେ ମଙ୍ଗଳବାର ବିଳମ୍ବିତ ରାତିରେ ପାଣିକୋଇଲି ପୁଲିସ ଦ୍ୱାରା ଚଢ଼ଉ କରାଯିବା ସହିତ ଚାଲାଣ ଅପେକ୍ଷାରେ ଥିବା ଶତାଧିକ ଷଣ୍ଢଙ୍କୁ ଉଦ୍ଧାର କରାଯାଇଛି । ମଙ୍ଗଳବାର ବିଳମ୍ବିତ ରାତିରେ ଉକ୍ତ ସ୍ଥାନରେ ଏକ ଆଇଚର ଟ୍ରକ୍‌ରେ ବାହାର ରାଜ୍ୟକୁ ଚାଲାଣ ହେବା ଲାଗି ଷଣ୍ଢ ଲୋଡ ହେଉଥିବା ଖବର ପାଇ ଯାଜପୁର ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରୱାଲ ତୁରନ୍ତ ଚଢ଼ଉ କରିବା ଲାଗି ଯାଜପୁରରୋଡ୍ ଏଡିପିଓ ଓ ପାଣିକୋଇଲି ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନିର୍ଦ୍ଦେଶ ପାଇବା ପରେ ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଓ ଥାନାଧିକାରିଣୀ ଲିଜାରାଣୀ ବିଶ୍ୱାଳଙ୍କ ନେତୃତ୍ୱରେ ପୁଲିସ ଟିମ ଶଗଡ଼ି ଗ୍ରାମରେ ଚଢ଼ଉ କରି ଏକ ଟ୍ରକ୍‌ରେ ୨୦ରୁ ଊର୍ଦ୍ଧ୍ୱ ଷଣ୍ଢ ଦୟନୀୟ ଅବସ୍ଥାରେ ବନ୍ଧା ହୋଇଥିବାବେଳେ ୮୦ରୁ ଊର୍ଦ୍ଧ୍ୱ ଷଣ୍ଢ ଚାଲାଣ ଅପେକ୍ଷାରେ ଥିବା ଦେଖିଥିଲେ । ପରେ ଏସଡିପିଓଙ୍କ ନିର୍ଦ୍ଦେଶରେ ସମସ୍ତ ଷଣ୍ଢଙ୍କୁ ମୁକ୍ତ କରାଯିବା ସହିତ ଟ୍ରକ୍‌କୁ ଜବତ କରି ଥାନାକୁ ଅଣାଯାଇଥିଲା । ତେବେ ଚାଲାଣକାରୀଙ୍କ ସମେତ ଟ୍ରକ୍ ଚାଳକ ପୁଲିସର ଅଚାନକ ଚଢ଼ଉରେ ଫେରାର ହୋଇଯାଇଥିବାବେଳେ ପୁଲିସର ଚଢଉ ଜାରି ରହିଛି ।

## ବୀଣାପାଣି ଯୁବକ ସଂଘ କ୍ରୀଡ଼ା ଉଦ୍‌ଘାଟିତ



**ଟମକା, ୧୭ ।୧(ସମିସ):** ଟମକା ଅଞ୍ଚଳର ଅଗ୍ରଣୀ ବୀଣାପାଣି ଯୁବକ ସଂଘ ଆନୁକୂଲ୍ୟରେ ୪୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଛି । ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରି ଶୁଭାରମ୍ଭ କରିଥିଲେ । ବ୍ଲକ ଉପାଧକ୍ଷ ଅଜୟ କୁମାର ବିନ୍ଧାଣୀ, ବ୍ଲକ ଯୁବ ବିଜେଡି ସଭାପତି ଚନ୍ଦନ କୁମାର କର, ଉପସଭାପତି ଧର୍ମେନ୍ଦ୍ର ଜେନା, ପଞ୍ଚାୟତ ବିଜେଡି ସଭାପତି ବିପିନ ବିହାରୀ ସେଠୀ, ଦେଉଳକଣ ପଞ୍ଚାୟତ ବିଜେଡି ସାଧାରଣ ସମ୍ପାଦକ ନରୋତ୍ତମ ବେହେରା, ବ୍ଲକ ଯୁବ ବିଜେଡି ସମ୍ପାଦକ ସୁରେଶ କୁମାର ମହାନ୍ତ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଯୁବକ ସଂଘ ପକ୍ଷରୁ ସଭାପତି ସୌମ୍ୟରଞ୍ଜନ ମହାପାତ୍ର, ସାଧାରଣ ସମ୍ପାଦକ ଦ୍ୱାରିକାନାଥ ଦାସ, କିଶାନ ମୁଣ୍ଡା, ମଦନ ତନ୍ତି, ମଦନମୋହନ ଦାସ, ଜ୍ଞାନରଞ୍ଜନ ମହାପାତ୍ର, ଅଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

■ **ବାଉଁଶ କଟାକୁ ନେଇ ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା**

## ଅଭିଯୁକ୍ତର ସମ୍ପର୍କୀୟଙ୍କ ମାଡ଼ରେ ଯୁବକ ଗୁରୁତର

**ଦଶରଥପୁର, ୧୭।୧ (ସମିସ):** ବାଉଁଶ କଟାକୁ ନେଇ ୧୩ ତାରିଖ ଦିନ ମଙ୍ଗଳପୁର ଗ୍ରାମରେ ଘଟିଥିବା ଅଭାବନୀୟ ଘଟଣା କ୍ରମରେ ଅବସରପ୍ରାପ୍ତ ସୈନିକ ସୁକଦେବ ନାୟକଙ୍କ ଆକ୍ରମଣରେ ତାଙ୍କ ପଡୋଶୀ ପଞ୍ଚାନନ ନାୟକ (୭୦) ଗୁରୁତର ଭାବେ ଆହତ ହୋଇଥିଲେ । ପଞ୍ଚାନନଙ୍କ ଅଭିଯୋଗକୁ ଭିତ୍ତି କରି ମଙ୍ଗଳପୁର ପୁଲିସ ୪/୨୪ରେ ମାମଲା ରୁଜୁ କରିଥିଲା । ଅଭିଯୋଗ ହୋଇଥିବା ଜାଣି ଅଭିଯୁକ୍ତ ସୁକଦେବ ନାୟକ ମଙ୍ଗଳପୁର ଗାଁରୁ ଫେରାର ହୋଇ ଯାଜପୁରରୋଡ଼ରେ ଥିବା ଜଣେ ସମ୍ପର୍କୀୟଙ୍କ ଘରେ ଲୁଚିଥିବା ପୁଲିସ୍ ଜାଣିବାକୁ ପାଇଥିଲା । ମଙ୍ଗଳପୁର ଥାନାଧିକାରିଣୀ ଚିନ୍ମୟୀ ସାହୁଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳପୁର ଥାନା ପୁଲିସ୍ ଆକ୍ରମଣରେ ଗୁରୁତର ପଞ୍ଚାନନଙ୍କ ପୁଅ ସୁକାନ୍ତଙ୍କୁ ସାଙ୍ଗରେ ଧରି ଯାଜପୁରରୋଡସ୍ଥ ସୁକଦେବ ସମ୍ପର୍କୀୟଙ୍କ ଘରେ ଚଢ଼ଉ କରି ଆଜି ସୁକଦେବଙ୍କୁ ଗିରଫ କରିଥିଲା । ତେବେ ପୁଲିସ୍ ସହିତ ଯାଜପୁରରୋଡ଼ ଯାଇଥିବା ସୁକାନ୍ତଙ୍କୁ ସୁକଦେବଙ୍କ ସମ୍ପର୍କୀୟ ଯାଜପୁର ରୋଡ଼ ବଜାରରେ ମାଡ଼ ମାରିଥିବା ସୁକାନ୍ତ ଯାଜପୁର ରୋଡ଼ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି ।

## ଓଚିନ୍ଦାର ଗଣପର୍ବ ହରିହାଟ ମହୋତ୍ସବ ଆରମ୍ଭ



**ପାଣିକୋଇଲି, ୧୭।୧(ସମିସ):** କୋରାଇ ବ୍ଲକ ଅର୍ନ୍ତଗତ ପଥରପଦା ପଞ୍ଚାୟତ ଓଚିନ୍ଦା ଗ୍ରାମର ଗଣପର୍ବ ହରିହାଟ ମେଳା ଓ ମହୋତ୍ସବ ଆରମ୍ଭ ହୋଇଛି । ଚଳିତ ବର୍ଷ ଧୂମଧାମରେ ହରିହାଟ ପର୍ବ ପାଳନ କରାଯାଉଛି । ନାମଯଜ୍ଞ, ଗୀତା ଓ ଭାଗବତ ପାଠ ସହ ଯଜ୍ଞ ଆରମ୍ଭ ହୋଇଛି । ଶ୍ରଦ୍ଧାଳୁମାନେ ଯଜ୍ଞକୁଣ୍ଡରେ ନଡିଆ, ଘିଅ, ଅରୁଆ ଚାଉଳ, ଧୂପ, ଉଖୁଡା, ଫୁଲ ପକାଉଛନ୍ତି । ନିଜର ମାନସିକ ପୂରଣ ସହ ନୂତନ ମାନସିକ ଭକ୍ତମାନେ କରୁଥିବା ଦେଖାଯାଉଛି । ମୀନାବଜାର ସହ ବିଭିନ୍ନ ଦୋଳିର ମଜା ନେଉଛନ୍ତି କୁନି କୁନି ପିଲାମାନେ । ଏହି ଅବସରରେ ମହୋତ୍ସବ କରାଯିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ । ଏହି ମେଳା ଏକ ସପ୍ତାହ ବ୍ୟାପି ଚାଲିବ । ଗ୍ରାମ୍ୟ ମୁରବୀ ରଘୁନାଥ ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜକ ପରମାନନ୍ଦ ଶତପଥି, ରାଧାକାନ୍ତ ଶତପଥି, ପ୍ରଫୁଲ୍ଲ ପାଢ଼ୀ, କୃଷ୍ଣ ଚନ୍ଦ୍ର ପାଢ଼ୀ ପ୍ରମୁଖ ଯଜ୍ଞ ଭାର ତୁଲାଉଛନ୍ତି । ୨ଦିନ ମୁକ୍ତାକାଶ ନାଟକ ପରିବେଷଣ ସହ ୩ଦିନ ଯାତ୍ରା ଅନୁଷ୍ଠିତ ହେବ । କମିଟି ପକ୍ଷରୁ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି । ଗ୍ରାମରେ ନୂତନ ଗୋପିନାଥ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ମଧ ରଖାଯାଇଛି । ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ ।

## ସିଦ୍ଧ ବାସୁଳାଇ ମନ୍ଦିରରେ ମକର ମେଳା

**ଶଙ୍ଖଚିଲା, ୧୭ ।୧ (ସମିସ):** କୋରେଇ ବ୍ଲକ ଜହ୍ନା ପଞ୍ଚାୟତର ଛୋଟରାୟପୁର ସିଦ୍ଧ ବାସୁଳାଇ ମନ୍ଦିରରେ ମକର ସଂକ୍ରାନ୍ତି ଉପଲକ୍ଷେ ୧୬ତମ ମକର ମେଳା ଅନୁଷ୍ଠିତ ହୋଇଯାଇଛି । ପୂଜାରୀ କାର୍ତ୍ତିକ ଚନ୍ଦ୍ର ପାଢ଼ୀ ପ୍ରଥମେ ମା'ଙ୍କୁ ସ୍ନାନ କରାଇ ବୈଦିକ ରୀତିନୀତି ଅନୁସାରେ ହୋମ ଓ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ । ସନ୍ଧ୍ୟାରେ ମା'ଙ୍କ ଆଳତୀ ଓ ମନ୍ଦିର ପ୍ରାଙ୍ଗଣରେ ନାମ ସଂକୀର୍ତ୍ତନ କରାଯାଇଥିଲା । ଏଥିସହିତ ଭକ୍ତଙ୍କ ପାଇଁ ମହାପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । କର୍ତ୍ତା ଭାବେ ମଦନ ସାହୁ ସମସ୍ତ କାର୍ଯ୍ୟ ପରିଚାଳନା କରିଥିବାବେଳେ ସନ୍ତୋଷ ସାହୁ, ରାଜକିଶୋର ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ସାହୁ, ପୁରୋତ୍ତମ ସାହୁ, ସୁଧାକର ସାହୁ ସହଯୋଗ କରିଥିଲେ ।

## ବାବା ବଟକେଶ୍ୱର ମନ୍ଦିରର ପ୍ରତିଷ୍ଠା ଉତ୍ସବ



ମଙ୍ଗଳପୁର, ୧୭ ।୧(ସମିସ):ଦଶରଥପୁର ବ୍ଲକ କମାରଡ଼ିହି ପଞ୍ଚାୟତସ୍ଥ ସହିମାଢ଼ ଗ୍ରାମରେ ଆଜି ବାବା ବଟକେଶ୍ୱର ମନ୍ଦିରର ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରାତଃରୁ କଳସ ଯାତ୍ରା, ମହାସ୍ନାନ, ବେଲ ବରଣୀ ଆଦି କାର୍ଯ୍ୟ ସମାପନ ପରେ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା । ଗ୍ରାମର ବିଜୟ କୁମାର ନାୟକ ଓ ତାଙ୍କ ଧର୍ମପତ୍ନୀ ଲକ୍ଷ୍ମୀପ୍ରିୟା ନାୟକ ସଂକଳ୍ପ କରିଥିବାବେଳେ ଭାସ୍କର ପଣ୍ଡା, ସଙ୍ଗମ ଦାସ, ହରେକୃଷ୍ଣ ପଣ୍ଡା, ପ୍ରଶାନ୍ତ ପଣ୍ଡା ପ୍ରମୁଖ ପୂଜାର୍ଚ୍ଚନା କରୁଥିଲେ । ପ୍ରତିଷ୍ଠା ଉତ୍ସବରେ କମାରଡ଼ିହି ସରପଞ୍ଚ ଚିତ୍ତରଞ୍ଜନ ନାୟକ, ସମିତିସଭ୍ୟା ସଜନୀ ଯେନା, ଯୁବ ସମାଜସେବୀ ନିହାର ରଞ୍ଜନ ନାୟକ, ଉମାକାନ୍ତ ନାୟକ, ଶ୍ରୀଚରଣ ନାୟକ, ଗୁରୁଚରଣ ନାୟକ, ପାର୍ଥସାରଥୀ ନାୟକ, ରଘୁନାଥ ନାୟକ, ଅଜୟ ନାୟକ, ରମାକାନ୍ତ ନାୟକ, ଚନ୍ଦ୍ରଚୂଡ଼ ନାୟକ, ବିଟୁ ନାୟକ, ପ୍ରତାପ କୁମାର ନାୟକ, ଯୁବ ନେତା ଗଙ୍ଗାଧର ଯେନା ପ୍ରମୁଖ ଯୋଗ ଦେଇଥିଲେ ।

## ଯୁବକଙ୍କ ଆତ୍ମହତ୍ୟା

ବାଲିଚନ୍ଦ୍ରପୁର, ୧୭ ।୧(ସମିସ): ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଅଣକା ପଞ୍ଚାୟତର ଖଡ଼ିଅଙ୍ଗ ଗ୍ରାମର ରମେଶ ଚନ୍ଦ୍ର ପାତ୍ରଙ୍କ ପୁଅ ରବୀନ୍ଦ୍ର ପାତ୍ର (୩୬)ଙ୍କ ମୃତଦେହ ଶୋଇବା ଘରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି । ଗତକାଲି ସନ୍ଧ୍ୟାରେ ରବୀନ୍ଦ୍ର କୌଣସି କାରଣରୁ ଶୋଇବା ଘରେ ଭିତରପଟୁ କବାଟ ବନ୍ଦ କରି ଶୋଇଥିଲେ । ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ପରେ ତାଙ୍କ କୋଠରୀ କବାଟ ବନ୍ଦ ଥିବା ଦେଖି କବାଟ ଭାଙ୍ଗି ରବୀନ୍ଦ୍ର ପଙ୍ଖାରେ ଝୁଲୁଥିବା ଦେଖିବାକୁ ପାଇଥିଲେ । ମୁମୂର୍ଷ ଅବସ୍ଥାରେ ରବୀନ୍ଦ୍ରଙ୍କୁ ପରିବାର ଲୋକେ ବଡ଼ଚଣା ମେଡିକାଲରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ରବୀନ୍ଦ୍ରଙ୍କ ବାପା ରମେଶ ପାତ୍ର ବାଲିଚନ୍ଦ୍ରପୁର ଥାନାକୁ ଜଣାଇଥିଲେ । ପୁଲିସ ପହଞ୍ଚି ବ୍ୟବଚ୍ଛେଦ ପାଇଁ ପଠାଇ ୧/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରିଥିଲା । ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି ।

## ପାଣିକୋଇଲି ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଡାକ୍ତରଙ୍କ ଯୋଗଦାନ

**ପାଣିକୋଇଲି, ୧୭।୧(ସମିସ):** ପାଣିକୋଇଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ମୁଖ୍ୟ ଚିକିତ୍ସାଧିକାରୀ ଭାବେ ଡା ଅରବିନ୍ଦ ପ୍ରସାଦ ଶର୍ମା ଯୋଗ ଦେଇଛନ୍ତି । ଶ୍ରୀ ଶର୍ମା ଏହା ପୂର୍ବରୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅବସ୍ଥାପିତ ଥିଲେ । ପାଣିକୋଇଲି ଚିକିତ୍ସାକେନ୍ଦ୍ରର ଦାୟିତ୍ୱରେ ଥିବା ସୁଶ୍ରୀ ମନୀଷା ମିଶ୍ରଙ୍କ ସମ୍ବଲପୁର ଜିଲ୍ଲାକୁ ବଦଳି ହୋଇଛି । ଶ୍ରୀ ଶର୍ମା କାର୍ଯ୍ୟରେ ଯୋଗଦାନ ଦେବା ପରେ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ତାଙ୍କୁ ସ୍ୱାଗତ କରିଥିଲେ ।

## ଚୋରା କୋଇଲା ବେପାରୀ କୋର୍ଟ ଚାଲାଣ

**ପାଣିକୋଇଲି ୧୭।୧(ସମିସ):** ପାଣିକୋଇଲି ପୁଲିସ ଦ୍ୱାରା ୯ ତାରିଖ ଦିନ ଜବତ ହୋଇଥିବା ଦୁଇଟି ଚୋରା କୋଇଲା ଟ୍ରକ୍‌ର ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଆଜି ବେପାରୀକୁ ଅଦାଲତ ଚାଲାଣ କରିଛି । ପାଣିକୋଇଲି ଥାନା ସବଇନ୍ସପେକ୍ଟର ବିଶ୍ୱରଞ୍ଜନ ଦାସ ୯ ତାରିଖ ଦିନ ସାନ୍ଧ୍ୟକାଳୀନ ପେଟ୍ରୋଲିଂ କରୁଥିବାବେଳେ ରୁଢିଆ ନିକଟରେ ଦୁଇଟି ଟ୍ରକ୍‌ରେ କୋଇଲା ଅନଲୋଡ଼ ହେଉଥିବାବେଳେ ଚଢ଼ଉ କରିଥିଲେ । ଦୁଇଟି ଟ୍ରକ୍‌ର ଚାଳକ କାଗଜପତ୍ର ଦେଖାଇବାରେ ସକ୍ଷମ ହୋଇପାରି ନ ଥିବାବେଳେ ଓ ବେପାରୀ ଘଟଣାସ୍ଥଳରୁ ଫେରାର ହେବାରେ ସକ୍ଷମ ହୋଇଥିଲେ । ପରେ ପୁଲିସ ଉଭୟ ଟ୍ରକ୍ ଚାଳକଙ୍କୁ ଥାନାକୁ ଆଣିବା ସହିତ ଟ୍ରକ୍ ଦୁଇଟିକୁ ଜବତ କରିଥିଲା । ପରଦିନ ଉଭୟ ଚାଳକଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ଆଜି ବେପାରୀ ଭଦ୍ରକ ଜିଲ୍ଲା ସାନକୃଷ୍ଣପୁର ଗ୍ରାମର ମନମୋହନ ନାୟକଙ୍କ ପୁଅ ସୂର୍ଯ୍ୟକାନ୍ତ ନାୟକ ଓରଫ ପିଣ୍ଟୁ (୪୬)ଙ୍କୁ ଗିରଫ କରି ଅଦାଲତ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ପ୍ରକାଶ କୁମାର ପ୍ରଧାନ ଜଣାଇଛନ୍ତି ।

## ମା' କୁଆଁସ ମଙ୍ଗଳା ମନ୍ଦିର ରତ୍ନମୁଦ ଉତ୍ସବ

**ପାଣିକୋଇଲି, ୧୭ ।୧(ସମିସ):** କୋରାଇ ବ୍ଲକ ଅନ୍ତର୍ଗତ ପଥରପଦା ପଞ୍ଚାୟତର ନୂଆପଦା ଗ୍ରାମରେ ମା' ମହାମାୟୀ କୁଆଁସ ମଙ୍ଗଳା ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୂଜକ ରବିନାରାୟଣ ପଣ୍ଡା, ରଘୁନାଥ ପାଢ଼ୀ, ଶରତ କୁମାର ଦାଶ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମୁଖ୍ୟଅତିଥି ଭାବେ ବିଧାୟକ ଅଶୋକ ବଳ ଯୋଗ ଦେଇଥିବାବେଳେ ଅନୁଷ୍ଠାନ ମୁଖ୍ୟ ପ୍ରଶାନ୍ତ କୁମାର ମହାନ୍ତିଙ୍କ ସମେତ ସମସ୍ତ ଗ୍ରାମବାସୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ମା' ଖଣ୍ଡୁରାଇଙ୍କ ମକର ମେଳା ଉଦ୍‌ଯାପିତ

**ଯଖପୁରା, ୧୭ ।୧(ସମିସ):** ମକର ସଂକ୍ରାନ୍ତି ଦିନରୁ ମାନତିରା ପଞ୍ଚାୟତର ରାବଣା କେନ୍ଦୁଡିପ ଗ୍ରାମର ଗ୍ରାମ ଦେବତୀ ପୀଠରେ ହେଉଥିବା ମକର ମେଳା ଉଦଯାପିତ ହୋଇଯାଇଛି । ତିନିଦିନ ଧରି ଏହି ମକର ମେଳା ଅନୁଷ୍ଠିତ ହୋଇଥିଲା । ମା''ଙ୍କ ନୀତି ରୀତିନୀତି ଅନୁଯାୟୀ ହୋଇଥିଲା । ପ୍ରଥମେ କଳସ ଶୋଭା ଯାତ୍ରା ଉଭୟ ଗ୍ରାମ ପରିଭ୍ରମଣ କରିଥିଲା । କଳସ ଶୋଭାଯାତ୍ରାରେ ବହୁ ମହିଳା ସାମିଲ ହୋଇଥିଲେ । ପରେ ଗୋପୂଜା, ଭୂମିପୂଜା, ସୂର୍ଯ୍ୟପୂଜା, ପାଞ୍ଚ କର୍ମ, ବାସ୍ତୁ ଶୋଧନ, ଅଧିବାସ ହୋଇଥିଲା । ତା'ପରେ ମା'ଙ୍କ ହୋମଯଜ୍ଞ ଆରମ୍ଭ ହୋଇଥିଲା । ନାମ ସଂକୀର୍ତ୍ତନ, ହୁଳହୁଳି, ହରିବୋଲ ଧ୍ୱନିରେ ମା'ଙ୍କ ପୀଠ ଉଚ୍ଛୁଳି ଉଠିଥିଲା । ପ୍ରତିଦିନ ମା'ଙ୍କ ପୀଠରେ ଭକ୍ତଙ୍କ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଆଜି ମା'ଙ୍କ ହୋମ ଯଜ୍ଞର ପୂର୍ଣ୍ଣାହୁତି ନୀତି ସମ୍ପନ୍ନ କରାଯାଇଛି ।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ସିଂହପୁର, ୧୭ ।୧(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଓ ନୂତନ ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଂଝାରପୁର ଓଷ୍ଟାର ସମ୍ପାଦକ ଭରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଂଝାରପୁର ମଣ୍ଡଳ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ବିଶ୍ୱାଳ, ମୁଖ୍ୟବକ୍ତା ଶାରିରୀକ ଶିକ୍ଷା ଅଧିକାରୀ ଶମ୍ଭୁନାଥ ଦାଶ, ସମ୍ମାନିତ ଅତିଥି ପ୍ରାକ୍ତନ ଶିକ୍ଷକ ମଧୁସୂଦନ ଧଳ, ରାଜକିଶୋର ଦାସ, ସମ୍ପାଦିକା ପ୍ରେମଲତା ଧଳ, ଗଣେଶ ପ୍ରସାଦ ସାମଲ ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷକ ପ୍ରମୋଦ କୁମାର ବିଶ୍ୱାଳ, ମହନି ଚରଣ ରାଉତ, ମଞ୍ଜୁଲତା ଦେଇ ଓ ପ୍ରଭାତ କୁମାର ଧଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ନୂତନ ଶିକ୍ଷକ ଦିନେଶ ମାଝି, ଶତାବ୍ଦୀ ତନୟା ଦାସ, ପ୍ରଶାନ୍ତ କୁମାର ମଲିକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ । ପ୍ରଥମେ ବିଘ୍ନେଶ୍ୱର ଦାସ ଅତିଥି ଆମନ୍ତ୍ରଣ ଓ ବିଜୟ ଦାସ ପରିଚୟ ପ୍ରଦାନ କରିଥିଲେ । କୈବଲ୍ୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଆଲୁମନି କପ୍ କ୍ରିକେଟ୍ ଉଦ୍‌ଯାପିତ, ୨୦୧୩ ବ୍ୟାଚ୍ ଚାମ୍ପିଅନ୍

**ଶଙ୍ଖଚିଲା, ୧୭ ।୧ (ସମିସ)**




ଲକ୍ଷ୍ମୀନଗରସ୍ଥ ପଞ୍ଚାୟତ ହିଙ୍ଗୁଳା ହାଇସ୍କୁଲର ଆଲୁମନି କପ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ୧୯୮୭ ବ୍ୟାଚ୍‌ଠାରୁ ୨୦୨୩ ବ୍ୟାଚ୍ ପର୍ଯ୍ୟନ୍ତ ସମସ୍ତ ବ୍ୟାଚ୍‌କୁ ନେଇ ଅନୁଷ୍ଠିତ ହୋଇଥିବା ଦୁଇଦିନିଆ ଦିବାରାତ୍ର ଆଲୁମନି କପ୍ ଖୁବ ରୋମାଞ୍ଚକର ହୋଇଥିଲା । କନିଷ୍ଠ ବ୍ୟାଚ୍‌ର ଛାତ୍ର ବରିଷ୍ଠ ବ୍ୟାଚ୍‌ର ଭାଇଙ୍କ ପାଦଛୁଇଁ ଆଶୀର୍ବାଦ ନେଇ ହସ ହସ ମୁହଁରେ ଆନନ୍ଦ ହୋଇ ଶୃଙ୍ଖଳାର ସହିତ ଖେଳିଥିଲେ । ଯାହାକି ଏକ ଭାଇଚାରାର ନିଆରା ପରମ୍ପରା ସୃଷ୍ଟି କରିଥିଲା । ପ୍ରଥମ ସେମିଫାଇନାଲ ୨୦୦୪ ଓ ୨୦୧୯ ବ୍ୟାଚ୍ ମଧ୍ୟରେ ଖେଳା ଯାଇଥିବାବେଳେ ଦ୍ୱିତୀୟ ସେମିଫାଇନାଲ ୧୯୯୮ ଓ ୨୦୧୩ ବ୍ୟାଚ୍ ମଧ୍ୟରେ ଖେଳାଯାଇଥିଲା । ଫାଇନାଲ ମ୍ୟାଚ୍ ୨୦୧୩ ଓ ୨୦୧୯ ମଧ୍ୟରେ ଅନୁଷ୍ଠିତ ହେଇଥିଲା । ଏଥିରେ ୨୦୧୩ ବ୍ୟାଚ୍ ବିଜେତା ହୋଇଥିବାବେଳେ ୨୦୧୯ ଉପବିଜେତା ହୋଇଥିଲା । ମ୍ୟାନ ଅଫ୍ ଦି ମ୍ୟାଚ୍ ଶିବ ପ୍ରସାଦ ମହାନ୍ତି ଓ ମ୍ୟାନ ଅଫ୍ ଦି ସିରିଜ ରୂପେ ସର୍ବେଶ୍ୱର ସାହୁ ପୁରସ୍କୃତ ହୋଇଥିଲେ । ସମସ୍ତ ବ୍ୟାଚ୍, ଅମ୍ପାୟାର, ସ୍କୋରର, କମେଣ୍ଟଟରଙ୍କୁ ଆଲୁମନି କପ୍ ଟ୍ରଫି ପ୍ରଦାନ କରାଯାଇଥିଲା । ତତସହିତ ୨୦୧୪ ବ୍ୟାଚ୍‌କୁ ଶୃଙ୍ଖଳିତ ଦଳ ରୂପେ ପୁରସ୍କୃତ କରାଯାଇଥିଲା । ପୁରାତନ ଛାତ୍ର ସଂଘରୁ ଆଲେକ୍ସଜାଣ୍ଡର ଦାସ ମଞ୍ଚ ପରିଚାଳନା କରିଥିବାବେଳେ ମଦନ ମୋହନ ବେହେରା ଓ ରମାକାନ୍ତ ବେହେରା ପୁରସ୍କାର ଘୋଷଣା କରିଥିଲେ । ବରିଷ୍ଠ ଛାତ୍ର ପ୍ରଦୀପ୍ତ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ । ଛାତ୍ର ପୂର୍ଣ୍ଣଚନ୍ଦ୍ର ପାଢ଼ୀ କ୍ରୀଡା ପତାକା ଅବତରଣ କରିଥିଲେ । ବରିଷ୍ଠ ବ୍ୟାଚ୍‌ର ଛାତ୍ର କ୍ରମ ଅନୁସାରେ କନିଷ୍ଠ ବ୍ୟାଚ୍‌କୁ ଟ୍ରଫି ପ୍ରଦାନ କରିଥିଲେ । ଛାତ୍ର ସୁଧାକର ଜେନା, ଅଶୋକ ସାହୁ, ପ୍ରଫୁଲ୍ଲ ରଣା, ବିକାଶ ସାହୁ, ଉମେଶ ଦାସ, ଅଞ୍ଜନ ସାମଲ, ଅକ୍ଷୟ ସାହୁ, ସୌମ୍ୟକାନ୍ତ ରଥ, ରଜତ ନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ, ଜ୍ୟୋତି ପ୍ରକାଶ ରାଉତ, ନାରାୟଣ ପଣ୍ଡା, ମୁରଲୀଧର ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ ।

## ଦଧିବାମନ ଜିଉଙ୍କ ବାର୍ଷିକ ଉତ୍ସବ



**ସୋସୋ, ୧୭।୧(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର ବଞ୍ଚୋ ଗ୍ରାମର ଶ୍ରୀଦଧିବାମନ ଜିଉ ମନ୍ଦିରର ତ୍ରୟଦଶ ତମ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଛି। ପଣ୍ଡିତ ପଦ୍ମନାଭ ପଣ୍ଡା, ଆନନ୍ଦ ଦାସ, ଅକ୍ଷୟ ପଣ୍ଡା, ଶ୍ରୀଧର ପାଢ଼ୀ, ନିତ୍ୟାନନ୍ଦ ପାଢ଼ୀ ପୂଜାପାଠ କରିଥିଲେ। ଅପରାହ୍ନରେ ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ବିଧାୟକ ଭାଗୀରଥି ସେଠୀ, କେନ୍ଦୁଝର ରାଣୀ ସୁନନ୍ଦିନୀ ଭଞ୍ଜଦେଓ, ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ, ସରପଞ୍ଚ ପ୍ରଶାନ୍ତ ରାଉତ ପ୍ରମୁଖ ଯୋଗଦେଇ ଥିଲେ। ଏହା ତିନିଦିନ ଧରି ଉତ୍ସବ ଚାଲିବାକୁ ଥିବାବେଳେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତି କାର୍ଯ୍ୟକ୍ରମ ହେବ। ସୁଶାନ୍ତ ବରାଳ, ପ୍ରତାପ ବେହେରା, ଗନ୍ଧର୍ବସେନ ମହାନ୍ତି, ବୀରକିଶୋର ଦାସ, ଅଚ୍ୟୁତାନନ୍ଦ ବରାଳ ପ୍ରମୁଖ କର୍ତ୍ତା ଭାବେ ସାମିଲ ହୋଇ କାର୍ଯ୍ୟ ସମ୍ପାଦନା କରିଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ତୁରୁମୁଙ୍ଗା, ୧୭ ।୧(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଜଡିଚାତର ଗ୍ରାମରେ ଶୋଇବା ଘରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକହେଲେ ଲମ୍ବୋଦର ନାଏକ (୨୬)। ସେ ତାଙ୍କ ଶୋଇବା ଘରେ ବେକରେ ବେଡ଼ସିଟ ଲଗାଇ ଆତ୍ମହତ୍ୟା କରିଛନ୍ତି। କରଜରେ ବୁଡି ମାନସିକ ଭାରସାମ୍ୟ ହରାଇ ସେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ତୁରୁମୁଙ୍ଗା ଥାନା ଏସ୍‌ଆଇ ରସାନନ୍ଦ ନାଏକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଛାତ୍ରୀଙ୍କୁ ଅସଦାଚରଣକରି ପ୍ରଧାନଶିକ୍ଷକ ଥାନାରେ

**କେନ୍ଦୁଝର, ୧୭ ।୧(ସମିସ):** କେନ୍ଦୁଝର ସଦର ଥାନା ନରସିଂହପୁର ପ୍ରାଥମିକ ବିଦ୍ୟାଳୟରେ ଏକ ଅଭାବନୀୟ ଘଟଣା ଘଟିଛି। ସେଠାକାର ପ୍ରଧାନଶିକ୍ଷକ ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ଥାନାରେ ଅଟକ ହୋଇଛନ୍ତି। ସଦର ଥାନା ଅନ୍ତର୍ଗତ ନରସିଂହପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନୀଲ କୁମାର ମନ୍ତ୍ରୀ ଗତ ୮ ତାରିଖରେ ତାଙ୍କ ବିଦ୍ୟାଳୟର ଜଣେ ୫ମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରିଥିଲେ। ପରେ ଛତ୍ରୀ ଜଣଙ୍କ ଏକଥା କାହାକୁ ନକହିବାକୁ ଧମକ ଦେଇଥିଲେ। ୧୬ ତାରିଖରେ ଏକଥା ଘର ଲୋକଙ୍କୁ କହିବାରୁ ପରିବାର ପକ୍ଷରୁ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ପୁଲିସ ଉକ୍ତ ପ୍ରଧାନ ଶିକ୍ଷକଙ୍କୁ ଥାନାକୁ ନେଇ ଅଟକ ରଖିଥିବା ଜଣାପଡ଼ିଛି। ପୋଲିସ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଜନ କୁଲୁ କହିଛନ୍ତି।

## ଆଲୋକୀକରଣ ବ୍ୟବସ୍ଥାର ଉଦ୍‌ଘାଟନ କଲେ ବିଧାୟକ

**ବେଲବାହାଳି, ୧୭ ।୧(ସମିସ):** ଆନନ୍ଦପୁର ବ୍ଲକ ବେଲବାହାଳି ପଞ୍ଚାୟତରେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବିଧାୟକ ଭାଗୀରଥି ସେଠୀ ୫ ଲକ୍ଷ ଟଙ୍କା ବିନିମୟରେ ଉଚ୍ଚ ଆଲୋକୀକରଣ ବ୍ୟବସ୍ଥା ପାଇଁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ବିଧାୟକ ଅନୁଦାନ ପାଣ୍ଠିରୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରମୋଦ କୁମାର ସାହୁ, ଅରୁଣ କୁମାର ସାହୁ, ପଦ୍ମଲୋଚନ ସାହୁ, ସୁକଦେବ ସାହୁ, ଗୋବର୍ଦ୍ଧନ ସାହୁ, ଗୋପୀ ବିଶ୍ୱାଳ, ବୃନ୍ଦାବନ ସାହୁ, ଗୋବର୍ଦ୍ଧନ ଦାସ ଏବଂ ପୂର୍ବତନ ସରପଞ୍ଚ ସୁକାନ୍ତି ସାହୁ, ସୋସାଇଟି ଉପସଭାପତି ବାସନ୍ତୀ ସାହୁ ଓ ପ୍ରଭାବିତ ସାହୁ ଏବଂ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

## ଘଷିପୁରା ଯୁବକ ସଂଘ ପକ୍ଷରୁ ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

**ଆନନ୍ଦପୁର, ୧୭।୧ (ସମିସ):** ଆନନ୍ଦପୁର ଉପଖଣ୍ଡ ଘଷିପୁରା ଯୁବକ ସଂଘ ପକ୍ଷରୁ ଘସିପୁରା ଥାନାରେ ନୂତନ ଭାବେ ଯୋଗ ଦେଇଥିବା ଥାନା ଅଧିକାରୀ ସୁନିଲ କରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଘଷିପୁରା ଯୁବକ ସଂଘର ସଭାପତି ଆଶିଷ ବେହେରାଙ୍କ ନେତୃତ୍ୱରେ ସଦସ୍ୟ ସରୋଜ ସାହୁ, ସୌମ୍ୟରଞ୍ଜନ ସାହୁ, ଦୀପକ ସାହୁ, ନିରଞ୍ଜନ ସାହୁ, ବିଭୂପ୍ରସାଦ ସାହୁ, ରଞ୍ଜିତ ସାହୁ, ତାପସ ପଡ଼ିହାରୀ, ଜୟନ୍ତ ସାହୁ, କାହ୍ନୁ ନାୟକ, ସୁରେଶ ମୁଖୀ, ବିଶ୍ୱଜିତ ପାତ୍ର, ରୋହିତ ମୁଖୀ, ସାଗର ମୁଖୀ, ଅଜୟ ମୁଖୀ, ରଜତ ଖଟୁଆ ପ୍ରମୁଖ ନୂତନ ଭାବେ ଯୋଗ ଦେଇଥିଲେ।

## ତାଳଗାଁ ପ୍ରଧାନଶିକ୍ଷକଙ୍କ ପରଲୋକ

**ଆନନ୍ଦପୁର, ୧୭।୧ (ସମିସ):** ଘଷିପୁରା ବ୍ଲକ ଗୋହିରା ପଞ୍ଚାୟତ ଅଧୀନ ତାଳଗାଁ ମଧ୍ୟଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗନ୍ନାଥ ନାଇକଙ୍କ ପରଲୋକ ଘଟିଛି। ଗୋହିରା ନିବାସୀ ଜଗନ୍ନାଥ ଆଜି ସକାଳୁ ହଠାତ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଆନନ୍ଦପୁର ଡାକ୍ତରଖାନା ଅଣାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

**ବିଭିନ୍ନ ସ୍ଥାନରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ**

# ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଲା ପୁରପଲ୍ଲୀ


ଆନନ୍ଦପୁର


ଯୋଡ଼ା

**ଆନନ୍ଦପୁର, ୧୭।୧(ସମିସ)**

ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅବସରରେ ଆନନ୍ଦପୁର ଉପଖଣ୍ଡର ବିଭିନ୍ନସ୍ଥାନରେ ଏହାକୁ ସ୍ୱାଗତ ଜଣାଇ ବିଭିନ୍ନ ପ୍ରକାର ଭବ୍ୟ ଉତ୍ସବ ପାଳନ କରାଯାଇଛି। ଆନନ୍ଦପୁର ବ୍ଲକ ପକ୍ଷରୁ ବାରିଗାଁଠାରେ ଓ ଘଷିପୁରା ବ୍ଲକର ଦେଓଗାଁ ହାଟପଡ଼ିଆଠାରେ ଆୟୋଜନ କରାଯାଇଥିବା ବେଳେ ଆନନ୍ଦପୁର ପୌରପାଳିକା ପକ୍ଷରୁ ସ୍ଥାନୀୟ ବଡଦାଣ୍ଡଠାରେ ଏକ ଦିବସୀୟ କାର୍ଯ୍ୟକ୍ରମ ପାଳନ କରାଯାଇଛି। ପୌରନିର୍ବାହୀ ଅଧିକାରୀ ଦେବଦତ ବଳଙ୍କ ତତ୍ତ୍ୱାବଧାନରେ ଆନନ୍ଦପୁର ବିଧାୟକ ଭାଗିରଥୀ ସେଠୀ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ପୌରାଧ୍ୟକ୍ଷା ରଜନୀରାଣୀ ଖଟୁଆ, ଉପାଧ୍ୟକ୍ଷ ଦୁର୍ଗାଚରଣ ଦଳେଇ, ବିଜୁ ଯୁବ ଜନତା ଜିଲ୍ଲା ସଭାପତି ରାକେଶ କୁମାର ରାମ ଓ ସମସ୍ତ କାଉନସିଲର ଯୋଗ ଦେଇଥିଲେ। ଶ୍ରୀ ନୃସିଂହ ନାରାୟଣ ରାହାସ ପାର୍ଟି ଓ ଓଡିଶୀ ଶାସ୍ତ୍ରୀୟ ସଙ୍ଗୀତ ମହାବିଦ୍ୟାଳୟ କଳାକାରମାନଙ୍କ ଦ୍ୱାରା ଓଡିଶୀ, ଦେବଦାସୀ ନୃତ୍ୟ ପରିବେଷଣ କରାଯାଇଥିଲା। ପୌରପରିଷଦ କର୍ମଚାରୀ ସୁରେନ୍ଦ୍ର କୁମାର ମିଶ୍ର, ସେକ୍ ଆଲାମ, ରାଜଶ୍ରୀ ମିଶ୍ର, ଏଲିନା ନାୟକ, ଧନଞ୍ଜୟ ଦାଶ, ଶୁଭକାନ୍ତ ଜେନା, ଉର୍ମିଳା ରାଉତ, ଦେବବ୍ରତ ସାମଲ, ଭାଗିରଥୀ ଦାଶ ପ୍ରମୁଖ ପରିଚାଳନା କରିଥିଲେ।

**ହାଟଡ଼ିହି/ସୋସୋ:** ଶ୍ରୀ ଜଗନ୍ନାଥଙ୍କ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲାବେଳେ କେନ୍ଦୁଝର ଜିଲ୍ଲା ହାଟଡ଼ିହି ବ୍ଲକ ଛେନାପଦି ସ୍ଥିତ ବିଶ୍ୱତାରିଣୀ ମନ୍ଦିର ପ୍ରାଙ୍ଗଣରେ ଆଜି ବ୍ଲକସ୍ତରୀୟ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଛି। ଉତ୍ସବଟି ହାଟଡ଼ିହି ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲାବେଳେ ଏଥିରେ ହାଟଡ଼ିହି ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ, ଗୌ÷ରାଙ୍ଗ ରଣା, ଅଭିମନ୍ୟୁ ସେଠୀ ପ୍ରମୁଖ ଯୋଗଦେଇ ଥିଲେ। କେନ୍ଦୁଝର ଚାରଣ ଜିଲ୍ଲା ସଂଗଠକ ତପନ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଚାରଣ ଗୋଷ୍ଠୀପକ୍ଷରୁ ଜଗନ୍ନାଥଙ୍କ ବେଶ ପ୍ରଦର୍ଶନୀ ସହିତ ବିଷ୍ଣୁ ସହସ୍ର ନାମ ଏବଂ ଗୀତାର ପଞ୍ଚଦଶ ଅଧ୍ୟାୟ, ହନୁମାନ ଚାଳିଶା ପଠନ ସହିତ ମହାପ୍ରଭୁଙ୍କର ମହାପ୍ରସାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁବାସ ରାମ ଓ ତାଙ୍କ ସାଥିଙ୍କ ଦ୍ୱାରା ଭଜନ ସମାରୋହ ଏବଂ ଭଦ୍ରକର ମନ୍ଦିରା ନୃତ୍ୟ ଏକାଡେମୀ ଦ୍ୱାରା ନୃତ୍ୟ ବିଚିତ୍ରା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶାସଙ୍ଗ ସରପଞ୍ଚ ପ୍ରତିନିଧି ସୁଧାଂଶୁ ବିଶ୍ୱାଳ, ବଞ୍ଚୋ ସରପଞ୍ଚ ପ୍ରଶାନ୍ତ କୁମାର ରାଉତ, ପଞ୍ଚୁଗୋଛିଆ ସରପଞ୍ଚ ଦୀନେଶ ସେଠୀ, ବଡ଼ରମ୍ପାସ ପଞ୍ଚାୟତର ସମିତିସଭ୍ୟ, ସମାଜସେବୀ କାଳନ୍ଦୀ ସ୍ୱାଇଁ, ଡିଏମ୍ଏଫ୍ ବିଭାଗର କନିଷ୍ଠ ଯନ୍ତ୍ରୀ ଶାଶ୍ୱାତ ଦାସ ପରିଚାଳନା କରିଥିଲେ।

**ଘଷିପୁରା:** ଘଷିପୁରା ବ୍ଲକ ପକ୍ଷରୁ ବସନ୍ତପୁରାଠାରେ ବ୍ଲକସ୍ତରୀୟ ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ଉତ୍ସବ ଅନୂଷ୍ଠିତ ହୋଇଛି। ଏଥିସହ ପ୍ରତି ପଞ୍ଚାୟତରେ ଏଲଇଡି ମାଧ୍ୟମରେ ପୁରୀ ପରିକ୍ରମା ପ୍ରକଳ୍ପର ସିଧା ପ୍ରସାରଣ କରାଯାଇଛି। ଘସିପୁରା ବିଡ଼ିଓ ମାନସ ରଞ୍ଜନ ସାମଲ ଏବଂ ଯୁବନେତା ଦେବାଶିଷ ପାତ୍ରଙ୍କ ତତ୍ତ୍ୱାବଧାନରେ ଉତ୍ସବ ମହାସମାରୋହରେ ପାଳନ କରାଯାଇଛି। ସେହିଭଳି ପ୍ରତେକ ପଞ୍ଚାୟତ ଆଜି ପରିକ୍ରମା ପକଳ୍ପ କାର୍ଯ୍ୟକ୍ରମ ପାଇଁ ଏଲ୍‌ଡି ମାଧ୍ୟମରେ ପ୍ରଦର୍ଶିତ ହୋଇଛି। ଅଳତି ପଞ୍ଚାୟତରେ ସରପଞ୍ଚ ଇଂ ପ୍ରିୟବ୍ରତ ବରାଳ, ତରୁଆଁ ପଞ୍ଚାୟତରେ ସରପଞ୍ଚ ରଶ୍ମୀରଞ୍ଜିତା ବେହେରା, ଶାଳଦେଇ ପଞ୍ଚାୟତରେ ସରପଞ୍ଚ ରୀତାଞ୍ଜଳି ବୋଇତେ, ପୁରୁଣାବାନ୍ଧଗୋଡା ପଞ୍ଚାୟତରେ ସରପଞ୍ଚ ସୁଦ୍ଧାରାଣୀ ଧୀର, ଗଁପୁରରେ ରୀନା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

**ଯୋଡ଼ା:** ବୁଧବାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦଘାଟିତ ହୋଇଛି। ଲୋକାର୍ପଣ ଉତ୍ସବକୁ ଯେଭଳି ସମସ୍ତେ ଦେଖିପାରିବେ ସେଥିନିମନ୍ତେ ବଡ଼ ଏଲଇଡି ସ୍କ୍ରିନ ଜରିଆରେ ସିଧାପ୍ରସାରଣ ବ୍ୟବସ୍ଥା କରାଯାଇଛି। ଏହି ପରିପ୍ରେକ୍ଷୀରେ ଯୋଡା ପୌରପାଳିକା ଅଧୀନ ୫ ନଂ ୱାର୍ଡ ଆଜାଦବସ୍ତି ଲକ୍ଷ୍ମୀ ମନ୍ଦିର ନିକଟରେ ବଡ ଏଲଇଡି ସ୍କ୍ରିନ ଜରିଆରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ସିଧାପ୍ରସାରଣ କରାଯାଇଛି। ଯୋଡା ପୌରପାଳିକା ଅଧ୍ୟକ୍ଷ ଡ.ଜଗଦୀଶ ପ୍ରସାଦ ସାହୁ, ଉପାଧ୍ୟକ୍ଷ ସନ୍ଧ୍ୟାପାତ୍ର, ପୌରପାଳିକା ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ବିଜେଡି ଜିଲ୍ଲା ସମ୍ପାଦକ ବାବୁଲାଲ ସାହୁ, ସୁଶାନ୍ତ କୁମାର ବାରିକ, ଜିତେନ୍ଦ୍ର ଜୟସ୍ୱାଲ, ବରିଷ୍ଠ ନାଗରିକ ଦୁଃଶାସନ ସାହୁ, ନୀଳମଣୀ ମହାନ୍ତି, ପୁରୁଷୋତ୍ତମ ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।


ଘଷିପୁରା


ହାଟଡ଼ିହି/ସୋସୋ

## ଛାତ୍ରୀଙ୍କ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**କେନ୍ଦୁଝର, ୧୭ ।୧(ସମିସ)**

ବାଂଶପାଳ ବ୍ଲକ ଶୁଆକାଟୀସ୍ଥିତ ପାଟେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କର ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ପାଟେଶ୍ୱର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରମାକାନ୍ତ ସ୍ୱାଇଁ ସଭାପତିତ୍ୱ କରିଥିବାବେଳେ ଅଧ୍ୟାପିକା ସୁଜାତା ଗିରିଙ୍କ ପରିଚାଳନାରେ ଉକ୍ତ ଶିବିର ଆୟୋଜିତ ହୋଇଥିଲା। ଉକ୍ତସଭାରେ ଅଧ୍ୟାପିକା ଗିତାରାଣୀ ମହାନ୍ତ, ଶୁଭଦର୍ଶିନୀ ମହାପାତ୍ର, ଭାରତୀ ମହାନ୍ତ, ସ୍ୱାଗତିକା ରାଉତ, ଶ୍ୱେତାଲିନା ମହାନ୍ତି, ଅଧ୍ୟାପକ ପ୍ରଶାନ୍ତ କୁମାର ନାଥ, ଆନନ୍ଦ ଚନ୍ଦ୍ର ନନ୍ଦ, ପ୍ରଶାନ୍ତ କୁମାର ଦାସ, ବିଶ୍ୱଜିତ୍ ବାରିକ, ଅମରେଶ ଚନ୍ଦ୍ର ନାୟକ, ପ୍ରିୟବ୍ରତ ସାହୁ, ବିଭୂଦତ୍ତ ପାଣିଗ୍ରାହୀ, ରୂପେଶ କୁମାର ଜେନା, ସଞ୍ଜୟ କୁମାର ସାହୁ, ଶୁଭେନ୍ଦୁ କୁମାର ସାହୁ, କର୍ମଚାରୀ ଗ୍ରନ୍ଥା ବାରିକ, ଧୃତରାଷ୍ଟ୍ର ସାହୁ, କ୍ରୀଡା ଶିକ୍ଷକ ମୋହନ କୁମାର ସାହୁ, ବସନ୍ତ କୁମାର ପ୍ରଧାନ, ଖଗେଶ୍ୱର ମହାନ୍ତ, ଦୁଃଖବନ୍ଧୁ ମହାନ୍ତ, ବସନ୍ତ କୁମାର ସାହୁ, ଭରତ ଚନ୍ଦ୍ର ମହାନ୍ତ, ପ୍ରୀତିରଞ୍ଜନ ରାଉତ, ଜ୍ୟୋତିରଞ୍ଜନ ରାଉତ, ତ୍ରିଲୋଚନ ମହାନ୍ତ, ଅକ୍ଷୟ ମହାରଣା, ପରମା ନନ୍ଦ ରଣା, ଅଞ୍ଜନା ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀ ପୁରସ୍କୃତ

**ସୋସୋ, ୧୭ ।୧(ସମିସ):** ହାଟଡ଼ିହି ବ୍ଲକ ବିଦ୍ୟାଧରପୁର କେନାଲ ଡିଭିଜନ ପକ୍ଷରୁ ପକ୍ଷପାଳନ ପରିପ୍ରେକ୍ଷୀରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସହକାରୀ ଯନ୍ତ୍ରୀ କୃଷ୍ଣଚରଣ ମାରାଣ୍ଡିଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବାବେଳେ କେନାଲ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଭାଗିରଥି ପାତ୍ରଙ୍କ ଅଧ୍ୟକ୍ଷତା କରିଥିଲେ। କେନ୍ଦୁଝର ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୁଖ୍ୟ ଅତିଥିଭାବେ ବିଧାୟକ ଭାଗିରଥି ସେଠୀ, ଶିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ହାଟଡିହି ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ଚେୟାରମ୍ୟାନ ସାବିତ୍ରୀ ସେଠୀ, ଏସ୍‌ଡିଓ ନରହରି ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ହାଟଡିହି ହାଇସ୍କୁଲର ରଘୁନାଥ ହାସଦା ପ୍ରଥମ ହୋଇଥିବାବେଳେ କୁମ୍‌କୁମ୍ କୁମୟା ମହାନ୍ତି ଦ୍ୱିତୀୟ ସ୍ଥାନ, ବିଜୟ କୁମାର ପ୍ରଧାନ ତୃତୀୟସ୍ଥାନ ଅଧିକାର କରିଥିଲେ। ସେହିପରି କୁଇଜରେ ଆମ୍ରୋ ହାଇସ୍କୁଲର ସୌମ୍ୟରଞ୍ଜନ ନାଥ ପ୍ରଥମ ହୋଇଥିବାବେଳେ ଲୋରେନ୍ସ କୁମାର ବେହେରା ଦ୍ୱିତୀୟ, ସୁଭ୍ରାଂଶୁଶେଖର ଜେନା ତୃତୀୟ, ପ୍ରବନ୍ଧରେ ହାଟଡିହି ହାଇସ୍କୁଲର ଜୟସ୍ମିତା ଚକ୍ର ପ୍ରଥମ ହୋଇଥିବାବେଳେ ପୁର୍ଣ୍ଣମା ପ୍ରିୟଦର୍ଶିନୀ ସାହୁ ଦ୍ୱିତୀୟ, ସୌଭାଗ୍ୟ ରଞ୍ଜନ ନାଥ ତୃତୀୟ, ତର୍କରେ ହାଟଡିହି ହାଇସ୍କୁଲର ସ୍ୱାତିକ୍ ଶୁଭଙ୍କର ସ୍ୱାଇଁ ପ୍ରଥମ ହୋଇଥିବାବେଳେ, ସୌଦାମୀନି ଜେନା ଦ୍ୱିତୀୟ, ଶୁଭସ୍ମିତା ପରିଡ଼ା ତୃତୀୟ, ମଡେଲ ଆଶାଦେବୀ ହାଇସ୍କୁଲ ଜମ୍ବରାର ଶିଶିର କୁମାର ସେଠୀ ପ୍ରଥମ ହୋଇଥିବାବେଳେ ସୌରାଶିଶ ବାରିକ ଦ୍ୱିତୀୟ, ମୋନାଲିସା ଦାସ ତୃତୀୟସ୍ଥାନ କରିଥିଲେ।

## ମହିଳା ତାଲିମ ଶିବିର ଉଦ୍‌ଘାଟିତ



**ଆନନ୍ଦପୁର, ୧୭ ।୧(ସମିସ):** ରେଶମ ବୈଷୟିକ ସେବାକେନ୍ଦ୍ର ଓ କେନ୍ଦ୍ରୀୟ ରେଶମ ବୋର୍ଡ ଆନୁକୂଲ୍ୟରେ ୨୦ ଜଣ ମହିଳା ସୂତା କଟାଳିଙ୍କ ଦ୍ୱାରା ଫକୀରପୁରଠାରେ ନୂତନ ବୁନିୟାଦ ମେସିନ ମାଧ୍ୟମରେ ଟସର ସୂତାକଟା ତାଲିମ ଶିବିର ଉଦଘାଟିତ ହୋଇଛି। ତାରିଣୀ ତନ୍ତବାୟ ସହଯୋଗ ସମିତି ଲିଃ ଫକୀରପୁର ସମ୍ପାଦକ ଘନଶ୍ୟାମ ରଣାଙ୍କ ଜରିଆରେ ୫ ଦିନ ଧରି କେନ୍ଦ୍ରୀୟ ରେଶମ ବୋର୍ଡର କୌଳିକ ବିକାଶ ତାଲିମ କାର୍ଯ୍ୟକ୍ରମ ୨୦ ଜଣ ମହିଳାଙ୍କୁ ଦିଆଯିବ। ବରିଷ୍ଠ ସହାୟକ ନିକ୍ଲେଶ ପଣ୍ଡା, ରବୀନ୍ଦ୍ର ନାଥ ମିଶ୍ର, ସହାୟକ ପ୍ରଦୀପ୍ତ କୁମାର ମିଶ୍ର ଏବଂ ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ ବାରିପଦା, ଆଇଇଟି ଅପର୍ଣ୍ଣା ଜେନା ଓ ଶମେନ୍ଦ୍ର କୁମାର ମାଝୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଥିଲେ।

## ଲାଉ କାଟିବା ବେଳେ ଆଖିରେ ପଶିଗଲା ଦା'; ମହିଳା ଗୁରୁତର

**ବାରିପଦା, ୧୭ ।୧(ସମିସ):** ଘର ବାଡ଼ିକୁ ଲାଉ କାଟିବାକୁ ଯାଇଥିବା ବେଳେ ଆଖିରେ ଦାଆ ପଶି ଜଣେ ମହିଳା ଗୁରୁତର ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ବାରିପଦା ସ୍ଥିତ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମହିଳା ଜଣକ ହେଲେ ଶୁଳିଆପଦା ଥାନା ଅନ୍ତର୍ଗତ ବାଘଡା ଅଞ୍ଚଳର ଜ୍ୟୋସ୍ନା ରାନା। ସେ ବୁଧବାର ଅପରାହ୍ନରେ ବାଡିରେ ଲାଉ କାଟିବା ପାଇଁ ଯାଇଥିଲେ; ମାତ୍ର ଅସାବଧାନତା କାରଣରୁ ଦାଆଟି ଆଖିରେ ପଶିଯାଇଥିଲା।



## ଜିଲ୍ଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**କେନ୍ଦୁଝର, ୧୭ ।୧(ସମିସ)**

କେନ୍ଦୁଝର ସହର କାଶିପୁରଠାରେ ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ସ୍ଥାନୀୟ କାଶିପୁର ଲକ୍ଷ୍ମୀପଡ଼ିଆ ଠାରେ ଗତ ୧୨ତାରିଖରୁ ଏହି ପ୍ରତିଯୋଗୀତା ଆରମ୍ଭ ହୋଇଥିଲା। ଏଥିରେ ଜିଲ୍ଲାର ୩୨ ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ ରାନେଶ୍ ଦାସ ଓ ଅର୍ଣ୍ଣୁଲ ହୋସେନ ଯୋଡି ୨୧-୧୦, ୨୧-୧୫, ୨୧-୧୩ ସେଟ୍‌ରେ ମଳୟ ରଞ୍ଜନ ଧଡ଼ା ଓ ଶଙ୍କର ପାତ୍ର ଯୋଡି ଙ୍କୁ ହରାଇ ଚାମ୍ପିଅନ୍ ହୋଇଥିଲେ। ଚାମ୍ପିଅନ୍ ଦଳକୁ ଟ୍ରଫି ସହ ୭୦୦୦ଟଙ୍କା, ରନର୍ସଅପ୍ ଦଳକୁ ୫୦୦୦ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ତୃତୀୟ ସ୍ଥାନ ଅଧିକାର କରିଥିବା ସୁବାଶିଷ ରାଉତ ଏବଂ ତାଙ୍କ ଯୋଡି ସିତୁଲଙ୍କୁ ୩୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଗୌରାଙ୍ଗ ଚରଣ ସାହୁ ଏବଂ ଅଭିରାମ ସାହୁ ମ୍ୟାଚ ପରିଚାଳନା କରିଥିଲେ। ଏଥିରେ ତାଙ୍କୁ ପ୍ରଣବ କର୍ମକାର, ପ୍ରଦୋଷ ପ୍ରଧାନ ସ୍କୋରର ଭାବେ ସହଯୋଗ କରିଥିଲେ। କାଶିପୁର ଲକ୍ଷ୍ମୀପୂଜା କମିଟିର ଦେବବ୍ରତ ଦାସ, ପରେଶ ପ୍ରଦାନ, ସତ୍ୟରଞ୍ଜନ ଲେଙ୍କା, ଅଜୟ କୁମାର ଦାସ, ସଞ୍ଜୟ କୁମାର ଦାସ, ଅନୀଲ କୁମାର ପୃଷ୍ଟି, ଦୀପକ କୁମାର ମହାନ୍ତି, ଚରଣ ସେଠୀ, ଅଶୋକ କୁମାର ନାୟକ, ସଞ୍ଜୟ କୁମାର ପ୍ରଧାନ ଏବଂ ପ୍ରଶାନ୍ତ କୁମାର ଓଝା ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।




## ତାରିଣୀ ମନ୍ଦିର ପରିସରରେ ଲାଇଟ୍ ବ୍ୟବସ୍ଥା



ସୋସୋ, ୧୭ ।୧(ସମିସ): ହାଟଡିହି ବ୍ଲକର ଛେନାପଦି ତାରିଣ ମନ୍ଦିର ପରିସରରେ ଆଲୋକିକରଣର ଉଦ୍‌ଘାଟିତ ହୋଇଛି। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ବିଧାୟକ ଭାଗୀରଥି ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଶାସଙ୍ଗ ପଞ୍ଚାୟତର ସରପଞ୍ଚ ମଧୁମିତା ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ, ଯୁବ ସମାଜସେବୀ ଉଦଘାଟିତ କରିଥିଲେ।

## ଦୁଇଦିନିଆ ମାଗଣା ଚକ୍ଷୁ ପରୀକ୍ଷଣ ଶିବିର

**ଯୋଡ଼ା, ୧୭ ।୧(ସମିସ):** ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱର୍ (ଜେଏସପି) ଅଧୀନସ୍ଥ କାସିଆ ଆଇରନ୍ ଆଣ୍ଡ ଡୋଲାମାଇଟ୍ ଖଣି ଠାରେ କମ୍ପାନୀ ଓ ଏଲ୍‌ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନର ସହଭାଗିତାରେ ଦୁଇଦିନ ଧରି ଟ୍ରକ ଚାଳକମାନଙ୍କ ନିମନ୍ତେ ଏକ ମାଗଣା ଚକ୍ଷୁ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରଟି ଏଲଭି. ପ୍ରସାଦର ଅଭିଜ୍ଞ ଡାକ୍ତର ଓ ଟେକ୍‌ନିସିଆନମାନଙ୍କ ଦ୍ୱାରା ପରିଚାଳତ ହୋଇଥିଲା। ଭଦ୍ରାସାହି ଟ୍ରକ ମାଲିକ ସଂଘର ସଭାପତି ସୁନୀଲ ଦତ୍ତ ଓ ସମ୍ପାଦକ ପୁରୁଷୋତ୍ତମ ବାରିକେ ଉଦ୍‌ଘାଟନ କରିଥିବା ବେଳେ କମ୍ପାନୀର ମାନବ ସମ୍ବଳ ମୁଖ୍ୟ ଆଶିଷ ରଞ୍ଜନ ମହାନ୍ତି, ଗୌତମ ଚାଟାର୍ଜୀ, ଉପସଭାପତି, ଆଇଏମଓଜି ବିଭାଗ, ରଣଜିତ ଚୌଧୁରୀ, କାଶିଆ ଖଣି ପରିଚାଳକ ଏବଂ କମ୍ପାନୀର ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ। ଏହି ଶିବିରରେ ୨୫୦ରୁ ଊର୍ଦ୍ଧ୍ୱ ଟ୍ରକ ଚାଳକଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। କେନ୍ଦୁଝର ଜିଲ୍ଲାରେ ଅନେକ ଗୁଡିଏ ଖଣି ତଥା ଶିଳ୍ପ କମ୍ପାନୀ ଥାଇ ମଧ୍ୟ ଟ୍ରକ ଚାଳକମାନଙ୍କ ପାଇଁ ଏଭଳି କୌଣସି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରି ନ ଥିବାରୁ ଟ୍ରକ ଚାଳକ ଓ ଟ୍ରକ ମାଲିକ ସଂଘ ସବୁ କମ୍ପାନୀକୁ ଧନ୍ୟବାଦ ଦେବା ସହ ଏଭଳି କାର୍ଯ୍ୟକ୍ରମ ଟ୍ରକ୍ ଚାଳକଙ୍କ ଜୀବନ ରକ୍ଷା କରି ସେମାନଙ୍କ ପରିବାର ସବୁକୁ ବିପଦ ମୁଖରୁ ବଞ୍ଚାଇପାରିବ ବୋଲି ମତ ପ୍ରକାଶ କରିଛନ୍ତି।

